


# ପ୍ରିୟା

ଡକ୍ଟର ସୁବାସ ନାୟକ

କବିତା

# ପ୍ରିୟା

ଡକ୍ଟର ସୁବାସ ନାୟକ

peninbooks

**ପ୍ରିୟା**

ଡକ୍ଟର ସୁବାସ ନାୟକଙ୍କ କବିତା ସଂକଳନ

# PRIYA

Odia poems

*written by*

**Dr. Subash Nayak**

**ISBN 978-93-91388-69-0**

© Dr. Subash Nayak, 2022

All rights reserved.
No part of this book may be reproduced or transmitted in any form or by any means whatsoever without express written permission from the author, except in the case of brief quotations embodied in critical articles and reviews.
Please refer all pertinent questions to the publisher.

First Edition 2022

*published by*
**PEN IN BOOKS**
**(***an imprint of* ***odia media private limited*****)**
M-6/51, Acharya Vihar
Bhubaneswar, Odisha, India 751013
phone: 0674 254 0203
mail: peninbooks@gmail.com

*printed and bound at*
Thomson Press (India) Limited
New Delhi



ମୁଁ ମୋର ଏହି ସାରସ୍ୱତ ସମ୍ଭାର "ପ୍ରିୟା" ଏକ କାବ୍ୟ ସାହିତ୍ୟକୁ ମୋର କନ୍ୟାରତ୍ନ ତେଜସ୍ୱିନୀ ନାୟକ (ଲକି)କୁ ଅର୍ପଣ କରୁଅଛି। ସେ ମୋ ଜୀବନ। ମୋର ସୃଜନଶୀଳ କାବ୍ୟ ପ୍ରତିଭା ଆରମ୍ଭରୁ ଧିମେଇଥିଲା ମାତ୍ର ତାର ଜନ୍ମପରେ ମୋର ମନରେ ସ୍ପନ୍ଦିତ ଜାଗରଣ ହୋଇ ଆଜି ଏ ପୁସ୍ତିକାଟି ସମାପ୍ତି ସହ ତାକୁ ଉତ୍ସର୍ଗ କରୁଛି ଓ ତା'ର ଭବିଷ୍ୟତ ଉନ୍ନତି କାମନା କରୁଅଛି।

(ପ୍ରଫେସର ଡ଼କ୍ଟର ସୁବାସ ନାୟକ)

# କବିଙ୍କ କଲମରୁ...

ଭାରତୀୟ ମୁକ୍ତି ସଂଗ୍ରାମର କିଶୋର ସହିଦ ବାଜି ରାଉତଙ୍କର ଜନ୍ମମାଟି ତଥା ଏସିଆ ମହାଦେଶର ସର୍ବବୃହତ ଗ୍ରାମ ଭୁବନ ବର୍ତମାନର ଭୁବନ ସହରର  ବିଶିଷ୍ଟ କାଠଶିଳ୍ପୀ ଶ୍ରୀ ରାମଚନ୍ଦ୍ର ନାୟକଙ୍କ ସୁଯୋଗ୍ୟ ସନ୍ତାନ। ଜଣେ ଅଧ୍ୟାପକ, ସାହିତ୍ୟିକ, ଗବେଷକ ଭାବରେ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଅନେକ ଓଡ଼ିଆଙ୍କ ମଧ୍ୟରୁ ଅନ୍ୟତମ।

ଜଣେ ଶିକ୍ଷାନୁରାଗୀ ଅଧ୍ୟାପକ ଭାବରେ ଓଡ଼ିଶା ଶିକ୍ଷାଜଗତର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ, ଟାଙ୍ଗୀ, କଟକସ୍ଥ ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁମୋଦିତ ତ୍ରିଦେବ ଡିଗ୍ରୀ କଲେଜର  ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଆସିଷ୍ଟାଣ୍ଟ୍ ପ୍ରଫେସର ସହ ଭାଇସ୍ ପ୍ରିନ୍ସିପାଲ୍ ପଦବୀରେ କାର୍ଯ୍ୟ କରି ଅନେକ ଶିକ୍ଷାର୍ଥୀ ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି।

ଜଣେ କୃତି ସାହିତ୍ୟିକ ଭାବରେ – "ବିଜେଡ଼ି" – (ଏକ ରାଜନୈତିକ ସମୀକ୍ଷା ସାହିତ୍ୟ), "ପ୍ରିୟା" – (ଏକ କାବ୍ୟ ସାହିତ୍ୟ), "ସୃଜନପ୍ରଭା" – (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ),  "ସାରସ୍ୱତସାଧିକା ନନ୍ଦିନୀ ଶତପଥୀ" – (ଏକ ଗବେଷଣାତ୍ମକ ନିବନ୍ଧ ସାହିତ୍ୟ), ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାବ୍ୟ ମାନସ "ଏକ ଯାତ୍ରା" – (ଏକ ଶାସ୍ତ୍ରୀୟ ଓଡିଆ ଭାଷା ଅନୁବାଦ ସାହିତ୍ୟ), "ଭାରତୀୟ ସାହିତ୍ୟର କାବ୍ୟପୁରୁଷ – ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ" – (ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ), "ରାମଚନ୍ଦ୍ର ନାୟକ – ଏକ ଅମ୍ଳାନ ପ୍ରତିଭା" – (ଏକ ଜୀବନୀ ସାହିତ୍ୟ), "ଅସ୍ତମିତ ସୂର୍ଯ୍ୟ – ବାବାଜୀ" – (ଏକ ସାମାଜିକ ନାଟ୍ୟ ସାହିତ୍ୟ), "ଭାରତୀ ଦେବୀ" – (ଏକ ନାରୀକେନ୍ଦ୍ରିକ ଉପନ୍ୟାସ ସାହିତ୍ୟ), "ପଥହରା ପଥିକ" – (ଏକ ଗଳ୍ପ ସାହିତ୍ୟ), ନରେନ୍ଦ୍ର ମୋଦିଙ୍କ କାବ୍ୟ ମାନସ "ଏକ ଯାତ୍ରା" – ଭାରତୀୟ ସାହିତ୍ୟରେ ପ୍ରତିଫଳନ – (ଏକ ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ), ନରେନ୍ଦ୍ର ମୋଦିଙ୍କ କାବ୍ୟ ମାନସ "ଏକ ଯାତ୍ରା" – ବିଶ୍ୱ ସାହିତ୍ୟରେ ପ୍ରତିଫଳନ – (ଏକ ଉଚ୍ଚତର ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ),

ଯାହାକି ଶାସ୍ତ୍ରୀୟ ଓଡିଆ ସାହିତ୍ୟ, ଭାରତୀୟ ସାହିତ୍ୟ ତଥା ବିଶ୍ୱ ସାହିତ୍ୟ ପାଇଁ ଏକ ଉଲ୍ଲେଖନୀୟ ସାହିତ୍ୟ ରଚନାରେ ସାଧନାରତ।

ଜଣେ ସଫଳ ଗବେଷକ ଭାବରେ "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ" ପ୍ରସଙ୍ଗରେ ସନ୍ଦର୍ଭ ଲେଖି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ (ପିଏଚ୍.ଡି.) ଉପାଧିପ୍ରାପ୍ତ। ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା/ପୋଷ୍ଟ-ଡକ୍ଟରାଲ୍ (ଡି.ଲିଟ୍) ପ୍ରସଙ୍ଗ - "କବି ନରେନ୍ଦ୍ର ମୋଦି ଓ କବି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ କାବ୍ୟ ଜଗତ-ଏକ ଅଧ୍ୟୟନ" ଉପରେ ଗବେଷଣା ପାଇଁ ପ୍ରସ୍ତୁତିରତ। ୧୩ରୁ ଊର୍ଦ୍ଧ୍ୱ ଗବେଷଣାତ୍ମକ ସନ୍ଦର୍ଭ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି। ନିଜ ଅଧୀନରେ ଗବେଷଣା (ପିଏଚ୍.ଡି.) ଶିକ୍ଷାର୍ଥୀଙ୍କ ଗାଇଡ୍ ଭାବରେ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟାରମ୍ଭ ପାଇଁ ପ୍ରୟାସରତ।

ସମାଜର ବିଭିନ୍ନ ଅନୁଷ୍ଠାନ ସହିତ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ତଥା ସମ୍ମାନପ୍ରାପ୍ତ। ତନ୍ମଧ୍ୟରୁ ନିଖିଳ ଭାରତ ଓଡିଆ ଅଧ୍ୟାପକ ସମ୍ମିଳନୀ, ଓଡ଼ିଶା ଓ ଉତ୍କଳ ସାହିତ୍ୟ ସମାଜ ତଥା ଓଡ଼ିଆ ଗବେଷଣା ପରିଷଦର ଆଜୀବନ ସଦସ୍ୟ ଭାବରେ କାର୍ଯ୍ୟରତ ଏବଂ ୟୁଜିସି ସାରସ୍ୱତ ପତ୍ରିକା- "ରକ୍ ପେବୁଲ୍" ଓ ଓଡ଼ିଆ ସାରସ୍ୱତ ପତ୍ରିକା - "ଜନସୁଧା" ର ଆଜୀବନ ସଦସ୍ୟରୂପେ ସାହିତ୍ୟନୁରାଗୀ। ଅନ୍ତର୍ଜାତୀୟ କଳା ଓ ସଂସ୍କୃତି ପରିଷଦର ୩୯ତମ ବିଶ୍ୱକବି ସମ୍ମିଳନୀ ୨୦୧୯ (କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର) ଅଖିଳ ଭାରତୀୟ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟ ଶିକ୍ଷକ ସଙ୍ଗଠନର ଜାତୀୟ ସମ୍ମିଳନୀ -୨୦୧୯ (ଏକାମ୍ର କଲେଜ, ଭୁବନେଶ୍ୱର) ଏବଂ ୟୁଜିସି ସାରସ୍ୱତ ପତ୍ରିକାର "ରକ୍ ପେବୁଲ୍"ର ଜାତୀୟ ସେମିନାର୍ -୨୦୧୯ (ବ୍ୟାସନଗର କଲେଜ, ଯାଜପୁରରୋଡ଼)ରୁ ସାରସ୍ୱତ ମାନପତ୍ର ପ୍ରାପ୍ତ।

ଗୁଣମୁଗ୍ଧ ସାହିତ୍ୟ ସେବକ
ଡକ୍ଟର ସୁବାସ ନାୟକ


## ମୋ ମାନସପଟରେ - କବିତା

ମୋ ପରିବାର କଳାର ପୂଜାରୀ। ମୋ ବାପା କାଠଶିଳ୍ପୀ ରାମଚନ୍ଦ୍ର ନାୟକ ଓଡ଼ିଶାର ଜଣେ ପ୍ରତିଷ୍ଠିତ ଶିଳ୍ପୀ ଭାବରେ ମାନ୍ୟତାପ୍ରାପ୍ତ। ସେ ତାଙ୍କ କାଠର ନିହାଣମୁନରେ ଜୀବନ୍ତ ପ୍ରତିଛବି ଆଙ୍କିପାରିବା,ଏକ ସୃଜନଶୀଳତା ବା ଭଗବାନ ପ୍ରଦତ୍ତ କଳା। ସେଥିରୁ ମୁଁ ବା ବାଦ୍ ପଡ଼ନ୍ତି କିପରି ? ଭୁବନ ସହରରେ ମୋର ଜନ୍ମମାଟି, ସହିଦ ବାଜିରାଉତ ଡ଼ିଗ୍ରୀ କଲେଜ ଅଧ୍ୟୟନ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ମୋର ଦୁର୍ବଳତା ପରେ ଘରୋଇଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ସାହିତ୍ୟରେ ଏମ.ଏ ପାସ ଓ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ନନ୍ଦିନୀ ଶଥପଥୀଙ୍କ ସାହିତ୍ୟକୃତିରେ ଗବେଷଣା କରି ଡ଼କ୍ଟରେଟ୍ (ପି.ଏଚ୍‌ଡ଼ି) ଉପାଧିପ୍ରାପ୍ତ। ପରେ ପରେ ଅଧ୍ୟାପକର ଜୀବନ ସହ ଜଣେ ଶିକ୍ଷା ପ୍ରଶାସକର ଜୀବନ ସର୍ବୋପରି ମୋ ପାରିବାରିକ ଜୀବନ ବାପା, ମା, ପରିବାର, ସହଧର୍ମିଣୀ ଓ ଏକମାତ୍ର କନ୍ୟା ନେଇ ତେଲ ଲୁଣର ସଂସାର ମଧ୍ୟରେ ସାହିତ୍ୟ ସାଧନାକୁ ଭୁଲିପାରିନାହିଁ। ଓଡ଼ିଆ ସାହିତ୍ୟରେ ବିଭିନ୍ନ ବିଭାଗରେ କଲମ ଚାଳନା ଚାଲୁ ରହିଅଛି। ପୂର୍ବରୁ ଅନେକ ସ୍ୱରଚିତ କବିତା ପତ୍ର ପତ୍ରିକାରେ ପ୍ରକାଶିତ। ଜୀବନର ଗତିପଥ ବଦଳାଇଦେଲା ନଭେମ୍ବର ୨୦୧୯ ମସିହାରେ କିଟ୍ ବିଶ୍ୱବିଦ୍ୟାଳୟର ଭୁବନେଶ୍ୱରରେ ବିଶ୍ୱକବି ସମ୍ମିଳନୀ ରେ ମୋର ଯୋଗଦାନ ବିଶ୍ୱର ୬୭ ଦେଶର। ପ୍ରାୟ ୧୫୦୦ କବିଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ। ଓଡ଼ିଆ ସାହିତ୍ୟର କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଗୁଜୁରାଟି ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟ ଜଗତ - ଏକ ଅଧ୍ୟୟନ ଉପରେ ଉଚ୍ଚତର ଗବେଷଣା(ପୋଷ୍ଟ ଡ଼କ୍ଟରାଲ) ଡ଼କ୍ଟର ଅଫ ଲିଟେରଚର୍ (ଡ଼ି.ଲିଟ୍) ପାଇଁ ପ୍ରୟାସରତ ତଥା ନରେନ୍ଦ୍ର ମୋଦିଙ୍କ କାବ୍ୟମାନସର "ଏକ ଯାତ୍ରା"ର ଶାସ୍ତ୍ରୀୟ ଓଡ଼ିଆ ଭାଷାର ଅନୁବାଦକ ।

ମୋର ମାନସ ସନ୍ତାନ ଏ କାବ୍ୟ ସାହିତ୍ୟ "ପ୍ରିୟା"ରେ ୫୦ଗୋଟି ସୃଷ୍ଟି ସମ୍ଭାର (କବିତା)

ସ୍ଥାନିତ ଅଟେ। ପ୍ରେମତତ୍ତ୍ୱ, ଜୀବନୀ, ସାମାଜିକ, ରାଜନୈତିକ, ସାଂସ୍କୃତିକ, କାଳ ବିପର୍ଯ୍ୟୟ ଉପରେ ଆଧାରିତ ମୋର ସୃଜନଶୀଳତା କାବ୍ୟ ସାହିତ୍ୟଟିଏ।
ଆଶାକରେ ପାଠକ, ପାଠିକାଙ୍କ ଦ୍ୱାରା ସୁଖପ୍ରାପ୍ତ ହୋଇପାରିଲେ ମୋ ଶ୍ରମ ସାର୍ଥକ ହେବ। ଏ ପୁସ୍ତିକା "ପ୍ରିୟା" ଓଡ଼ିଆ କାବ୍ୟସାହିତ୍ୟର ବିକାଶଧାରାରେ କାର୍ଯ୍ୟକରିପାରିବ ବୋଲି ମୋର ଆଶା ଓ ବିଶ୍ୱାସ।

ଭବଦୀୟ ଗୁଣମୁଗ୍ଧ



(ଡକ୍ଟର ସୁବାସ ନାୟକ)

# କବିତା କ୍ରମ


ପ୍ରିୟା ୧୩
ନରେନ୍ଦ୍ର ମୋଦି ୧୪
ପ୍ରେମ ୧୭
ଅଟଳ ବିହାରୀ ବାଜପେୟୀ ୧୯
ଦୁହିତା ୨୩
ନବୀନ ପଟ୍ଟନାୟକ ୨୪
ଭାଉଜ ୨୭
ମହାତ୍ମା ଗାନ୍ଧୀ ୨୮
ଜାନକୀ ବଲ୍ଲଭ ପଟ୍ଟନାୟକ ୩୧
ପ୍ରଭୁ ଶ୍ରୀରାମ ୩୩
ଉତ୍କଳ ଦିବସ ୩୫
ବାଜି ରାଉତ ୩୭
ବାବା ବୁଦ୍ଧେଶ୍ୱର ୩୯
ସୂର୍ଯ୍ୟ ୪୧
ଆମ ଉତ୍କଳ ୪୩
ମୋ ଭୁବନ ୪୫
ବଳଦ ଯାତ୍ରା ୪୭
କନ୍ୟାରତ୍ନ ୪୯
ବିଶ୍ୱବିଦ୍ୟାଳୟ ୫୧
ବାପା ୫୩
ମା' ୫୫
ସହଧର୍ମିଣୀ ୫୭
ପ୍ରେମିକା ୫୯

| | |
|---|---|
| ରିକ୍ସା ଚାଳକ | ୬୧ |
| ଡାକବାଲା | ୬୩ |
| ମୁଁ ଓଡ଼ିଆ | ୬୫ |
| କରୋନା | ୬୬ |
| ଲକଡାଉନ୍ | ୬୮ |
| ଶିକ୍ଷକ | ୭୦ |
| ଗଣମାଧ୍ୟମ | ୭୨ |
| ଶିକ୍ଷା | ୭୫ |
| ବିବାହ | ୭୭ |
| ସଟଡାଉନ୍ | ୭୯ |
| ମୋବାଇଲ୍ | ୮୧ |
| ରାଜପଥ | ୮୩ |
| ଅଧିକାରୀ | ୮୫ |
| ରାଜନେତା | ୮୭ |
| ଗଣପତି | ୯୦ |
| କରୋନା ଯୋଦ୍ଧା | ୯୨ |
| ଶାସ୍ତ୍ରୀୟ ଭାଷା | ୯୪ |
| ଆମ ଢେଙ୍କାନାଳ | ୯୬ |
| ନନ୍ଦିନୀ ଶତପଥୀ | ୯୮ |
| ପି.କେ. ମିଶ୍ର | ୧୦୦ |
| ବିଶ୍ୱ କବି ସମ୍ମିଳନୀ | ୧୦୨ |
| ଅଚ୍ୟୁତ ସାମନ୍ତ | ୧୦୪ |
| ମୋ ବାପା | ୧୦୭ |
| ମୋ ମା’ | ୧୧୦ |
| ମୋ ଗୁରୁଦେବ | ୧୧୩ |
| ମୋ ପତ୍ନୀ | ୧୧୫ |
| ମୋ କନ୍ୟା | ୧୧୭ |

# ପ୍ରିୟା

ପ୍ରିୟା ତୁମେ କାହିଁ ଗଲ
ଜୀବନର ଚଲାପଥେ
ଅଧାବାଟେ ଛାଡ଼ିଦେଇ
ଏ ଅଧମକୁ କରିଗଲ
କଠୋର ଘାତ

ପ୍ରିୟା ତୁମେ କାହିଁ ଗଲ
ଜୀବନର ଆଦ୍ୟରେ
ହୃଦୟକୁ ସ୍ପର୍ଶ କରିଦେଇ
ଏକୁଟିଆ ଲାଗେ ସଦା
ନିଃସଙ୍ଗର ସାଥିରେ

ପ୍ରିୟା ତୁମେ କାହିଁ ଗଲ
ପୌଢ଼ର ପ୍ରାନ୍ତରେ
ଜଳିଗଲ ମଶାଣିର ଭୂଇଁରେ
ଏକା କରିଦେଇ ମୋତେ
ଏ ସଂସାର ପଥରେ

# ନରେନ୍ଦ୍ର ମୋଦି

ନରେନ୍ଦ୍ର ମୋଦି
ଭାରତୀୟ ଜନମାନସର ସମ୍ରାଟ ତୁମେ
ତୁମେ ତ ବିଶ୍ୱନେତା
ସବୁରି ହୃଦୟେ ତମରି ଗାଥା

ଭାରତ ବର୍ଷେ ଗୁଜୁରାଟ ପ୍ରଦେଶ
ବଡ଼ନଗର ସହରେ
ଅଟଇ ଜନ୍ମ ତୁମର ଏକ ଶୁଭ ଲଗ୍ନେ
ସତର ସେପ୍ଟେମ୍ବର ଊଣେଇଶ ପଚାଶ ମସିହାରେ

ବାପା ତୁମର ଦାମୋଦର ଦାସ ମୋଦି
ମା ତୁମ ହୀରାବାଈ ଦେବୀ
ଭାଇ ଭଉଣୀଙ୍କ ଗହଣେ ତୁମର
ପିଲାଦିନ କଟିଯାଏ

ସହରରୁ ପୁଣି ମ୍ୟାଟ୍ରିକୁଲେସନ୍ ପାସ କରି
ଉଚ୍ଚ ଶିକ୍ଷାପାଇଁ ମନବଳାଇଥାଏ
ଭାଗ୍ୟର ଡୋରି ବିଧିନିର୍ଦ୍ଦିଷ୍ଟ
ତାକୁ ବା କିଏ କରେ ଆନ

ବାପା ମା'ଙ୍କ କଥାକୁ ଦେଇ ସମ୍ମାନ
ବାଲ୍ୟ ବିବାହ ପ୍ରତିହତ କରି
ପତ୍ନୀ ଯଶୋଦାବେନ୍‌ଙ୍କୁ ଦିଅଇ ମୁକ୍ତି
ଶିକ୍ଷା ଗ୍ରହଣ ପାଇଁ ପରାମର୍ଶ ଦେଲେ
ଯଶୋଦାବେନ୍ ହେଲେ ଶିକ୍ଷୟିତ୍ରୀ

ମାନବ ସେବାକୁ ଜୀବନର ପାଥେୟ କରି
ରାଷ୍ଟ୍ର ସେବକ ଭାବରେ
ଆର୍.ଏସ୍.ଏସ୍‌ରେ ଯୋଗ ଦିଅନ୍ତି
ଗୁରୁ ଇମାନ୍‌ଦାର(ଓକିଲ)ଙ୍କ ସେବାକରନ୍ତି

ଉଚ୍ଚଶିକ୍ଷା ପାଇଁ ପ୍ରୟାସ କରନ୍ତି
ଘରୋଇ ଭାବରେ ପ୍ରତିଷ୍ଠା ଅର୍ଜନ୍ତି
ଗୁଜୁରାଟି ଭାଷା ଓ ସାହିତ୍ୟରେ
କବି ଗାଳ୍ପିକ ଲେଖକ ଭାବରେ

ସାହିତ୍ୟ ସୃଷ୍ଟିରେ ମନୋନିବେଶ
କବିତା ସଂକଳନ ଏ ଜର୍ଣ
ଅନୁବାଦ ଭରେ ବିଶ୍ୱ ସାହିତ୍ୟରେ
ଅବା ଭାରତୀୟ ସାହିତ୍ୟ ଜଗତରେ

ଗୁଜୁରାଟ ପ୍ରଦେଶରେ ତିନି ଥର ମୁଖ୍ୟମନ୍ତ୍ରୀ
ଜନକଲ୍ୟାଣରେ ମନ ଭରି
ଦୁଇ ଦୁଇ ଥର ପ୍ରଧାନମନ୍ତ୍ରୀ ଭାରତ ବର୍ଷେ
ବିଶ୍ୱଜଗତେ ନାମ କମାଇ

ଜାମ୍ମୁ କାଶ୍ମୀର ସମସ୍ୟା ସମାଧାନ
ଅବା ରାମମନ୍ଦିର ନିର୍ମାଣ
ନୋଟବନ୍ଦୀ ଅବା ଜିଏସଟି ସେବା
ଜନସମାଜରେ ନେତା ବନିବା

ପ୍ରାକୃତିକ ବିପର୍ଯ୍ୟୟ ହେଉ ଅବା କରୋନା
ମୋଦିଙ୍କ ଶାସନେ ବିଶ୍ୱବନ୍ଦନା
ପ୍ରତିରକ୍ଷା ଅବା ଯୁଦ୍ଧକ୍ଷେତ୍ର
ତୁମେ ବନିଅଛ ବିଶ୍ୱମାନବ

ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ପରେ
ନୂତନ ଭାରତ ସ୍ୱପ୍ନ ତୁମରେ
ମିଳିତ ଜାତିସଂଘର ସ୍ଥାୟୀ ସଭ୍ୟ
ନିରାପତ୍ତା ପରିଷଦରେ ପ୍ରୟାସରତ
ତୁମେ ବନିବ ବିଶ୍ୱନେତାର ମାନ୍ୟତାପ୍ରାପ୍ତ

ନୋବେଲ ସାହିତ୍ୟ ପ୍ରାପ୍ତ ଏକମାତ୍ର ଭାରତୀୟ
ଗୀତାଞ୍ଜଳୀ କାବ୍ୟର ଲେଖକ ବିଶ୍ୱକବି ରବିନ୍ଦ୍ର ନାଥ ଠାକୁର
ଦିନେ ଦେବ ତମକୁ ବିଶ୍ୱକବିର ମାନ୍ୟତା
ନୋବେଲ ସାହିତ୍ୟ ପ୍ରାପ୍ତ
କବିତା– "ଏ ଜର୍ଣି" କବି ନରେନ୍ଦ୍ର ମୋଦୀ।

# ପ୍ରେମ

ପଡ଼ିଗଲି ତୋ ପ୍ରେମରେ
ମନ କିଣି ନେଲୁ ତୁରେ
ତୋ ନୀଳ ନୀଳ ଆଖି ଦୁଇଟି
ଚୋରାଇ ନେଲା ମୋ ମନରେ

ତୋ ମିଠା ମିଠା କଥା ଦି'ପଦ
ମୋ ହୃଦୟକୁ କଲା ଆନନ୍ଦ
ପଡ଼ିଗଲି ତୋ ପ୍ରେମରେ
ମନ କିଣିନେଲୁ ତୁରେ

ତୋ ପ୍ରେମ ଭରା ତୋର ଚାହାଣି
ବଦଳାଇ ଦେଲା ମୋ ଜୀବନର କାହାଣୀ
ତୋ ସ୍ନେହ ପ୍ରେମଭରା ବନ୍ଧନ
ଭରିଦେଲା ମୋ ହୃଦେ ସ୍ପନ୍ଦନ

ଅନାବିଳ ତୋ ପ୍ରେମ ପୀୟୂଷ
ଭରିଦେଲା ମୋ ପ୍ରାଣେ ଜୀବନ
ପଡ଼ିଗଲି ତୋ ପ୍ରେମରେ
ମନ କିଣିନେଲୁ ତୁରେ

ତୋ ନାଲି ନାଲି ସେ ଓଠଟି
କରିଦେଲା ମୋତେ ପାଗଳ
ତୋ ରୁଣୁଝୁଣୁ ପାଦ ପାଉଁଜି
ମୋ ମନରେ ଆଣିଲା ଯୌବନ

ସୁନ୍ଦରୀ ତୋ ଅକୁହା ମନର କଥାଟି
ମଥା ଘାରିଦେଲା ମୋର ଟି
ପଡ଼ିଗଲି ତୋ ପ୍ରେମରେ
ମନ କିଣିନେଲୁ ତୁ ରେ

ତୋ ଗୋରା ଗୋରା ଗାଲ ଦୁଇଟି
ମୋ ମନରେ ଭରିଲା ପ୍ରେମଟି
ଦୁଷ୍ଟ ମନଟିକୁ ମୋର
ଆକଟ କରିଲା ତୋ ବକ୍ଷ ଯୁଗଳ

ତୋ ହରିଣୀ ଚାଲିଟି ପାଇଁ କି
ମନ ମୋ ରହିଲା ତୋଠି
ପଡ଼ିଗଲି ତୋ ପ୍ରେମରେ
ମନ କିଣିନେଲୁ ତୁ'ରେ

# ଅଟଳ ବିହାରୀ ବାଜପେୟୀ

ଭାରତୀୟ ଜନମାନସରେ ସମ୍ରାଟ ତୁମେ
ଅଟଳ ବିହାରୀ ବାଜପେୟୀ
ଜନ୍ମ ତୁମର ଡ଼ିସେମ୍ବର ପଚିଶି
ମଧ୍ୟ ପ୍ରଦେଶ ଗ୍ୱାଲିୟରରେ
ପିତା ଥିଲେ ଅଧ୍ୟାପକ କୃଷ୍ଣବିହାରୀ ବାଜପେୟୀ
ମାତା ଥିଲେ କୃଷ୍ଣାଦେବୀ
ହେ ରାଷ୍ଟ୍ର ନାୟକ ଆଜି ତୁମ ଜନ୍ମ ଜୟନ୍ତୀରେ
ରାଷ୍ଟ୍ର ତୁମକୁ ସମର୍ପି ଦେଲା
ସର୍ବୋଚ୍ଚ ବେସାମରିକ ନାଗରିକ ସମ୍ମାନ ଭାରତରତ୍ନ

ହେ ରାଷ୍ଟ୍ର ନାୟକ ବାଜପେୟୀ
ତୁମର ବାଲ୍ୟ ଓ ସ୍କୁଲ ଶିକ୍ଷା ସମାପ୍ତିରେ
ଗ୍ୱାଲିଅରର ଭିକ୍ଟୋରିଆ କଲେଜରୁ ବିଏ ଡ଼ିଗ୍ରୀ ପରେ
କାନପୁର ଡ଼ିଏଭି କଲେଜରୁ
ରାଜନୀତି ବିଜ୍ଞାନରେ ଏମ.ଏ ପାଶ୍ କଲ
ତୁମେ ପୁଣି ବନିଗଲ କବି
ହିନ୍ଦୀ ଭାଷା ସାହିତ୍ୟରେ

ତୁମର ପ୍ରଥମ କବିତା 'ତାଜମହଲ'
ପ୍ରସିଦ୍ଧ କାବ୍ୟ ସଂକଳନ ସ୍ୱାକ୍ଷର ବହନ କରେ
ମେରୀ ଇକ୍ୟାବନ କବିତାଏଁ
ତୁମ ନାମେ ଯୋଡ଼ିଗଲା ଡ଼କ୍ଟର ବାଜପେୟୀ
ଊଣେଇଶ ତେୟାନବେରେ କାନପୁର ବିଶ୍ୱବିଦ୍ୟାଳୟେ
ସମ୍ମାନ ଜନକ ଡ଼କ୍ଟରେଟ୍ ଉପାଧି ପ୍ରାପ୍ତିରେ

ହେ ରାଷ୍ଟ୍ର ନାୟକ ତୁମର କର୍ମଭୂମି ଥିଲା
ଆମର ଭାରତୀୟ ଜନଗଣରେ
ଚିର କୁମାର ହୋଇ ନିଜ ଜୀବନକୁ ଉତ୍ସର୍ଗ କଲ
ଭାରତୀୟ ଜନଗଣର ସେବାରେ
ଊଣେଇଶ ତେୟାନବେ ଆର୍.ଏସ୍.ଏସ୍‌ରେ ଯୋଗଦାନ କରି
ଭାରତୀୟ ଜନ ସଂଘର ପ୍ରତିଷ୍ଠାତା ସଭ୍ୟ ବନିଲ
ଊଣେଇଶ ଅଢ଼ଷଠି -ଊଣେଇଶ ତେସ୍ତୋରୀ ମସିହା
ଜନସଂଘର ଅଧ୍ୟକ୍ଷ ସାଜି
ନିଜର ମାନସ ପୁତ୍ରକୁ ଜନ୍ମଦେଲ
ଏପିଲ ଛଅ ଊଣେଇଶ ଅଶୀ ମସିହାରେ ପ୍ରତିଷ୍ଠାତା ସଭାପତି ଭାବେ
ଭାରତୀୟ ଜନତା ପାର୍ଟି (ବିଜେପି)
ଏକ ରାଷ୍ଟ୍ରୀୟ ରାଜନୈତିକ ଦଳେ

ତୁମେ ଯୋଗଦେଲ ଭାରତର ସର୍ବୋଚ୍ଚ ଗଣତନ୍ତ୍ର ମନ୍ଦିରେ
ନବମ ଥର କ୍ରମାଗତ ସାଂସଦ ଭାବରେ
ପୁଣି ବନିଗଲ ଊଣେଇଶ ସତୋସ୍ତରି ମସିହା
ଜନତା ପାର୍ଟିର ସରକାରରେ
କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଭାବରେ
ଭାରତୀୟ ହିନ୍ଦୀଭାଷା (ରାଷ୍ଟ୍ରଭାଷା)ରେ ଭାଷଣ ଦେଇ
ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ
ତୁମେ ଥିଲ ବିଜେପିର ପ୍ରଥମ ପ୍ରଧାନମନ୍ତ୍ରୀ
ଭାରତ ସରକାର ଚବିଶି ଗୋଟି ରାଜନୈତିକ
ଦଳୀୟ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାରରେ
ବର୍ତମାନ ବିଜେପି ସର୍ବବୃହତ
ରାଷ୍ଟ୍ରୀୟ ରାଜନୈତିକ ଦଳ ଭାରତୀୟ ଗଣତନ୍ତ୍ରରେ
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାରରେ

ହେ ରାଷ୍ଟ୍ରନାୟକ ତୁମର ପ୍ରଧାମନ୍ତ୍ରୀତ୍ୱ
ଊଣେଇଶ ଛୟାନବେ ତେର ଦିନର
ଊଣେଇଶ ଅଠାନବେ ତେର ମାସର
ଓ ଊଣେଇଶ ଅନେଶତରୁ ଦୁଇହଜାର ପାଞ୍ଚ ସମ୍ପୂର୍ଣ ପାଞ୍ଚ ବର୍ଷ
ପ୍ରଥମ ଅଣକଂଗ୍ରେସ ସରକାରରେ
ତୁମର ପ୍ରଧାନମନ୍ତ୍ରୀତ୍ୱରେ ଜାତୀୟ ରାଜପଥ
ବିମାନ ବନ୍ଦର ବିକାଶ ନୂତନ ଟେଲିକମ୍ ନୀତି
କୋଣ ଅନୁକୋଣେ ସରକାର ଶୁଭାରମ୍ଭ ଆଦି
ଆମର ଭାରତୀୟ ଜନମାନସରେ

ଊଣେଇଶ ଅଠାନବେ ପୋଖରାଣରେ ପରମାଣୁ ବୋମା
ପରୀକ୍ଷା କରି ଭାରତକୁ କଲ ବିଶ୍ୱର
ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ଭାବରେ
ଊଣେଇଶ ଅନେଶତରେ ପାକିସ୍ଥାନ-ଭାରତ କାରଗିଲ୍ ଯୁଦ୍ଧ
ପ୍ରତିହତ କରିଥିଲ ତୁମ ଶାସନ କାଳେ
ହେ ରାଷ୍ଟ୍ର ନାୟକ ଭାରତରତ୍ନ ବାଜପେୟୀ
ତୁମେ ମରି ମଧ୍ୟ ଅମର ରୁହ ଭାରତୀୟ ଜନମାନସରେ ।

# ଦୁହିତା

ଦୁହିତା ପୁଣି ତୁମେ
ଦୁଇକୁଳକୁ ହିତା
ପିତୃକୁଳ ଶ୍ୱଶୁରାଳୟ
ତୁମ ନାମେ ହୋଇଉଠେ
ଜଗତଜିତା

ପିତୃମାତୃ ଗର୍ଭେ ଜନମି ଏ ଭୂପୃଷ୍ଠେ
ବାପା, ମା ଭାଇ, ଭଉଣୀ ଗହଣେ
ଏ କନ୍ୟାରତ୍ନା ଶିକ୍ଷା ସମାପ୍ତିରେ
କର୍ମମୟ ଜୀବନ ଆଦରି
ପରିଶେଷରେ ପାଲଟିଯାଏ ବୈବାହିକ ବନ୍ଧନରେ
ଦୁଇ କୁଳକୁ ହିତା ଦୁହିତା ଭାବେ

ନିଜର ପରିବାରକୁ ଛାଡ଼ି ଶ୍ୱଶୁରାଳୟ ପରିବାରକୁ
କରିଥାଏ ନିଜର ଅତି ନିଜର
ଶାଶୂ, ଶ୍ୱଶୁର, ଦେଢ଼ଶୁର ଅବା ଦିଅର ନଣନ୍ଦେ
ପ୍ରେମମୟ ପୁରୁଷ ସ୍ୱାମୀ ବନ୍ଧନରେ
ତୁମ ଜୀବନ ବିତାଇଥାଅ ଦୁହିତା ଭାବରେ

# ନବୀନ ପଟ୍ଟନାୟକ

ନବୀନ ପଟ୍ଟନାୟକ
ତୁମେ ତ ଜଣେ ଅଣନାତି ସଂଗ୍ରାମୀ ଜଗନ୍ନାଥ ପଟ୍ଟନାୟକଙ୍କର
ପୁଣି ନାତି ଅଟନ୍ତି
ବିଚାରପତି ଲକ୍ଷ୍ମୀନାରାୟଣ ଓ ଆଶାଲତା ଦେବୀଙ୍କର
ତୁମେ ତ ସେହି ସୁଯୋଗ୍ୟ ସନ୍ତାନ
ଇଣ୍ଡୋନେସିଆ ରାଷ୍ଟ୍ରର ଭୂମିପୁତ୍ର
କଳିଙ୍ଗ ସମ୍ରାଟ୍ ପାଇଲଟ ବିଜୁ ପଟ୍ଟନାୟକଙ୍କର
ତୁମେ ପରା ସେହି ନୟନ ପିତୁଳା
ମା' ଜ୍ଞାନଦେବୀଙ୍କର

ନବୀନ ପଟ୍ଟନାୟକ
ତୁମେତ ଜଣେ ଆଦରର ତଥା ସ୍ନେହର
ଶ୍ରଦ୍ଧେୟ ସାନଭାଇ
ଶିଳ୍ପପତି ପ୍ରେମବାବୁ ଓ ଲେଖିକା ଗୀତା ମେହେଟ୍ଟାଙ୍କର
ସମ୍ମାନୀୟ କକା ପୁତୁରା ବରୁଣଙ୍କର ଗହଣେ
ପୂଜାସ୍ପଦ ମାମୁଁ ଭଗିନୀ ଗୀତାଦେବୀଙ୍କ ପୁତ୍ରଙ୍କ ଗହଣେ

ନବୀନ ପଟ୍ଟନାୟକ
ତୁମତେ ଜଣେ ବୁଦ୍ଧିମତା ଛାତ୍ର
ଡେରାଡୁନ୍ ଡୁନ୍ ବିଦ୍ୟାଳୟେ
ତୁମେ ତ ପୁଣି ଇତିହାସ (ସମ୍ମାନ) ଛାତ୍ର
ଦିଲ୍ଲୀ ବିଶ୍ୱବିଦ୍ୟାଳୟେ

ନବୀନ ପଟ୍ଟନାୟକ
ତମେ ତ ଜଣେ ଅର୍ନ୍ତଜାତୀୟ ଖ୍ୟାତିସମ୍ପନ୍ନ
ଲେଖକ ବିଶ୍ୱ ଦରବାରେ
ତୁମର କଲମ ମୁନର ସ୍ପର୍ଶ
ରୁଦ୍ଧିମନ୍ତକରେ ବିଶ୍ୱଜଗତରେ
ଇଂରାଜୀ ଭାଷା ସାହିତ୍ୟରେ
ତୁମର ସେ ସାରସ୍ୱତ କୃତି
ସେକେଣ୍ଡ ପାରାଡ଼ାଇଜ୍
ଡେଜଟ୍ କିଙ୍ଗ୍‌ଡ଼ମ ଓ ଗାର୍ଡ଼େନ ଅଫ ଲାଇଫ
ଭରିଦିଏ, ସବୁରି ପ୍ରାଣେ
ଭାରତୀୟ ସଂସ୍କୃତି ପରମ୍ପରା ଓ ଇତିହାସ ବିଷୟରେ

ନୀବନ ପଟ୍ଟନାୟକ
ତୁମେ ତ ଜଣେ ଜାତୀୟନେତା
ଭାରତୀୟ ସଂସଦୀୟ ଲୋକସଭାରେ
ତୁମେ ପୁଣି କେନ୍ଦ୍ରମନ୍ତ୍ରୀ ଇସ୍ପାତ-ଖଣି
ମନ୍ତ୍ରଣାଳୟ ଭାରତ ସରକାରରେ

ନବୀନ ପଟ୍ଟନାୟକ
    ତୁମେ ତ ଜଣେ ସଭାପତି -ରାଜନୈତିକ ଆଞ୍ଚଳିକ ଦଳ
    ବିଜୁନେତା ଦଳ ଓଡ଼ିଶା ଲୋକଙ୍କ ବଳେ
    ବିଗତ କୋଡ଼ିଏ ବର୍ଷ ଶାସନ କାଳେ

ନବୀନ ପଟ୍ଟନାୟକ
    ତୁମେ ତ ଜଣେ ଜନପ୍ରିୟ ମହାନାୟକ
    କ୍ରମାଗତ ପଞ୍ଚମ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନେ
    ସମଗ୍ର ଓଡ଼ିଶାର ବିକାଶ ପଥରେ
    ପିତା ପ୍ରବାଦ ପୁରୁଷ ବିଜୁବାବୁଙ୍କ
    ଅଧୁରା ସ୍ୱପ୍ନକୁ ସାକାର କରିବା ପଥରେ ଅଗ୍ରସରେ

ନବୀନ ପଟ୍ଟନାୟକ
    ତୁମେ ତ ଜଣେ ଭୂଷଣପ୍ରାପ୍ତ ଗବେଷକ ଗୁରୁ
    ମାନସ ନାୟକଙ୍କୁ
    ଡ଼କ୍ଟର କାର୍ତିକ ଚନ୍ଦ୍ର ମିଶ୍ରଙ୍କ ଗହଣେ
    ପିଏଚ.ଡ଼ି ଉପାଧିପ୍ରାପ୍ତ ହୁଏ
    ଡ଼କ୍ଟର ମାନସ ନାୟକ
    ନବୀନ ପଟ୍ଟନାୟକଙ୍କ ସାରସ୍ୱତ କୃତୀରେ
    ଜଣେ ଭାରତୀୟ ଇତିହାସ ଓ ସଂସ୍କୃତିର
    ଜଣେ ସାରସ୍ୱତ ସାଧକଭାବେ
    ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟେ

# ଭାଉଜ

ଭାଉଜ ମୋ ଭାଉଜ
ସମ୍ମାନନୀୟ ତୁମ ଆସନ
ତୁମ ସ୍ନେହ ପ୍ରେମ ଭରା ଜୀବନ
ମୋ ମନରେ ସୃଷ୍ଟିକଲା
ମାନବିକତାର ବନ୍ଧନ

ତୁମର ଅନାବିଳ ପ୍ରେମଭରା ସ୍ପନ୍ଦନ
ମୋତେ ଆଣିଦେଲା
ଜୀବନରେ ବଞ୍ଚିବାର ସମ୍ମାନ ସହ
ଜଣେ ଆଧ୍ୟାପକ ଭାବରେ
ଅତୁବା ସାହିତ୍ୟିକ, ଗବେଷକ ଭାବରେ

ସୃଷ୍ଟିର ପ୍ରାରମ୍ଭର ନାରୀରୂପୀ ତୁମେ
ଜାୟା, ଜନନୀ, ଭଗିନୀ
ସର୍ବୋପରି ଭାଉଜର ଆସନରେ

ଶ୍ରଦ୍ଧେୟ ଦେବରଙ୍କୁ ତାଗିଦ୍
ଭଲ ମଣିଷ ଭାବରେ ସମାଜରେ ପ୍ରତିଷ୍ଠା
ସମସ୍ତଙ୍କୁ ସମପରିମାଣର ସମ୍ମାନ ସହଯୋଗ
ସାରାଜୀବନ ମୁଁ ପାଥେୟ ହେବି
ଭାଉଜ ମୋ ଭାଉଜ
ମୋ ସମ୍ମାନର ଭାଉଜ

# ମହାତ୍ମା ଗାନ୍ଧୀ

ମହାନ ଆତ୍ମା ମହାତ୍ମା ଗାନ୍ଧୀ
ମୋହନ ଦାସ କରମ ଚାନ୍ଦ ଗାନ୍ଧୀ
ଜାତିରି ଜନକ ଦେଶର ଗୌରବ
ବିଶ୍ୱମାନବର ବାର୍ତ୍ତାଧରି

ଜନ୍ମନେଇ ତୁମେ ଭାରତ ବର୍ଷେ
ଗୁଜୁରାଟ ପ୍ରଦେଶ ପୋର ବନ୍ଦର ଠାରେ
ଦୁଇ ଅକ୍ଟୋବର ଅଠରଶହ ଅଣସ୍ତୋରୀ ମସିହାରେ
କୋଳ ମଣ୍ଡନ କରିଥିଲେ
ମା -ପୁତୁଲିବାଇ ବାପା- କାବା ଗାନ୍ଧୀଙ୍କର

ଉଚ୍ଚଶିକ୍ଷା ଲଭିଲ ତୁମେ
ଦକ୍ଷିଣ ଆଫ୍ରିକା ଯାଇ
ଓକିଲାତି ପାସ୍ କରି
ଓକିଲ ବନିଲେ ତୁହି
ଦୁଃଖୀରଙ୍କଙ୍କ ସେବାର ଜୀବନ
ଉତ୍ସର୍ଗ ପାଇଁ
ସ୍ୱଦେଶ ଭାରତ ଆସିଲ ଧାଇଁ

ଇଂରେଜ ଶାସନ ଗୋରା ଫଉଜରେ
ଭାରତ ଶାସିତ ଥାଇ
ମନରେ ଭରଷା ଅହିଂସା ରୂପୀ ଅସ୍ତ୍ରଧରି
ବ୍ରିଟିଶ୍‌କୁ ଭାରତ ମାଟିରୁ ଦେଲ ଘଉଡ଼ାଇ
ଜନମାନସରେ ତୁମେ ସାରଥି ହୋଇ

ତୁମ ଅହିଂସା ପଥକୁ
ପାଥେୟ କରି
ଆମ ରାଷ୍ଟ୍ର ଭାରତ ପାଇଲା ସ୍ୱାଧୀନତା
ତୁମେ ବନିଲ ରାଷ୍ଟ୍ରପିତା

ନାଥୁରାମ ଗଡ଼ସେ ତୁମକୁ ହତ୍ୟା କରିଲା
ଉଣେଇଶ ଅଠଚାଳିଶ ଜାନୁଆରୀ ତିରିଶି ତାରିଖ
ସମଗ୍ର ବିଶ୍ୱ ସ୍ତବ୍ଧ ହୋଇଗଲା
ଭାରତ ଜନଗଣରେ ଲୁହ ଝରିଥିଲା

ହେ ଗାନ୍ଧିଜୀ ତୁମ ସ୍ମୃତିରେ
ବିଶ୍ୱ ସରକାର (ମିଳିତ ଜାତିସଂଘ)
ତୁମ ଜନ୍ମ ଦିବସ ଦୁଇ ଅକ୍ଟୋବର ଦୁଇହଜାର ସାତରୁ
ପାଳନ କରୁଛି ଆନ୍ତର୍ଜାତୀୟ ଅହିଂସା ଦିବସ
ଯାହା ଅଟେ ତୁମ ପାଇଁ
ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବିଶ୍ୱଜନଙ୍କର

ଭାରତ ରତ୍ନ ହେଉ ଅବା ବିଶ୍ୱର ଶ୍ରେଷ୍ଠ
ପୁରସ୍କାର ନୋବେଲ ଶାନ୍ତି
ତୁମ ପାଖେ ଅଟେ ତୁଚ୍ଛ ହୋଇ
ଅମର ରୁହ ଅମର ରହ
କାଳକାଳକୁ ମହାତ୍ମା ଗାନ୍ଧୀ

# ଜାନକୀ ବଲ୍ଲଭ ପଟ୍ଟନାୟକ

ଜାନକୀ ବଲ୍ଲଭ ପଟ୍ଟନାୟକ
ଜେବି ପଟ୍ଟନାୟକ ନାମେ ତହିଁ
ଭାରତ ବର୍ଷେ ଓଡ଼ିଶା ପ୍ରଦେଶ
ଜନମି ଓଡ଼ିଆଙ୍କୁ ଗର୍ବିତ କଲେ

ଓଡ଼ିଶା ପ୍ରଦେଶ ଖୋର୍ଧାଜିଲ୍ଲା
ରାମେଶ୍ୱରମର ଗାଁରେ ଜନମିଲେ
ସୁଯୋଗ୍ୟ ସନ୍ତାନ ବାପା ମା'ଙ୍କୁ ଧନ୍ୟକଲେ
ଓଡ଼ିଆ ମାଟିକୁ ଅମର କଲେ

ଉଚ୍ଚ ଶିକ୍ଷା ପାଇ ବିଦ୍ୱାନ ହୋଇ
ସଂସ୍କୃତ ଭାଷାରେ ପାଣ୍ଡିତ୍ୟ ଲଭଇ
ଅନେକ ପୁସ୍ତକ ରଚିତ ତୁହିଁ
ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ସ୍ଥାନିତ ହୋଇ

ପାଣ୍ଡିତ୍ୟ ସହିତ ସୁସାହିତ୍ୟିକ
ସମ୍ମାନ ଲଭିଲ ଉତ୍କଳ ରତ୍ନ
ସଂସ୍କୃତ ଭାଷାର ଉନ୍ନତି ପାଇଁ
ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ
ଡକ୍ଟରେଟ୍ ଉପାଧି ପାଇଁ

ପାଣ୍ଡିତ୍ୟ ସହିତ ସାହିତ୍ୟ ଚର୍ଚ୍ଚା
ଅନେକ ବିଦ୍ୱାନ ସୃଷ୍ଟି କରିଲ
ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ
କୁଳାଧିପତି ପଦରେ ଅଧିଷ୍ଠିତ ହେଲ

ସାରସ୍ୱତ ସାଧକ ସହତି ରାଜନୀତି
ଜୀବନରେ ପ୍ରମୁଖ ଆୟୁଧ କରି
ମାନବ ଜାତି ଅବା ରାଷ୍ଟ୍ର ନିର୍ମାଣରେ
ନିଜ ଜୀବନକୁ ଉତ୍ସର୍ଗ କରି

ତିନି ତିନି ଥର ଓଡ଼ିଶା ପ୍ରଦେଶ
ମୁଖ୍ୟମନ୍ତ୍ରୀ ଆସନେ ଅଧିଷ୍ଠିତ ହୋଇ
ନିଜ ଜୀବନକୁ ଜନମାନସରେ
ରାଷ୍ଟ୍ର ଉନ୍ନତି କାର୍ଯ୍ୟେ ସମର୍ପିଦେଲ

କେନ୍ଦ୍ରମନ୍ତ୍ରୀ ପଦବୀରେ
ଭାରତ ସରକାରଙ୍କର
ଅବା ମହାମହିମ ରାଜ୍ୟପାଳ ପଦବୀରେ
ଆସାମ ପ୍ରଦେଶରେ
ରାଷ୍ଟ୍ର ନିର୍ମାଣରେ ସ୍ୱାକ୍ଷରଦେଇ
ଜେବି ପଟ୍ଟନାୟକ ବନିଲେ ଅମର ହୋଇ

# ପ୍ରଭୁ ଶ୍ରୀରାମ

ମର୍ଯ୍ୟାଦା ପୁରୁଷୋତ୍ତମ ତୁମେ
ପ୍ରଭୁ ଶ୍ରୀରାମ-ଚନ୍ଦ୍ର ନାମେ
ଅଯୋଧ୍ୟା ନିବାସୀ
ରାଜା ଦଶରଥଙ୍କ ଅଗ୍ରଜ ପୁତ୍ର ତମେ

ମାନବରୂପେ ଜନମି ନେଲ
ଭୂପୃଷ୍ଟେ ତୁମେ ଲୀଳା କରଇ ସେହି
ଭାରତ ବର୍ଷେ ଜନମାନସେ
ଅବା ବିଶ୍ୱଜନଙ୍କୁ ନିଜ ପରାକାଷ୍ଠା ଦେଖାଇ

ବାପାଙ୍କ ଶପଥ ରଖିବା ପାଇଁ
ଚଉଦ ବର୍ଷ ବନବାସ କରଇ
ପତ୍ନୀ ସୀତାଙ୍କୁ ନେଇ
ସାଙ୍ଗରେ ଅନୁଜ ଲକ୍ଷ୍ମଣ ଥାଇ

ବିଶ୍ୱପ୍ରତାପୀ ରାବଣ ଭାବ
ସୀତାଦେବୀଙ୍କୁ କରି ହରଣ
ଯୁଦ୍ଧକ୍ଷେତ୍ରରେ ରାବଣ ବିନାଶ
ସୀତା ଉଦ୍ଧାରଣ
ଅଗ୍ନିକୁଣ୍ଡରେ ସତୀତ୍ୱର ପରୀକ୍ଷାଦେଇ
ସୀତାଦେବୀ ବନିଲେ ଅମର ହୋଇ କାଳକାଳକୁ

ପ୍ରଭୁ ଶ୍ରୀରାମ ପ୍ରଭୁ ଶ୍ରୀରାମ
ଅଯୋଧ୍ୟାରେ ବନିଲେ ରାଜାରାମ
ତ୍ରେତୟା ଯୁଗର ଅଧିଷ୍ଠାତା ତୁହି
ଭାରତୀୟ ଜନମାନସରେ
ଉଜ୍ଜୀବିତ ରହେ କାଳକାଳକୁ ରହି

ପ୍ରଭୁ ଶ୍ରୀରାମ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ
ଭାରତୀୟ ହିନ୍ଦୁ ଭାବନାରେ ପ୍ରତୀକ ତୁମେ
ଅଯୋଧ୍ୟା ନଗରେ ମନ୍ଦିର ନିର୍ମାଣ ପାଇଁ
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍ପର ହୋଇ

ବାବରୀ ମସଜିଦ୍ ଅବା ରାମଲୀଳା ସ୍ଥାନ
ଭାରତର ସର୍ବୋଚ୍ଚ ସୁପ୍ରିମ୍ କୋର୍ଟଙ୍କ ବୟାନ
ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇ
ଓ ଟିମ୍ ଐତିହାସିକ ନିର୍ଦ୍ଦେଶ ଦେଇ

ରାମ ମନ୍ଦିର ପ୍ରତିଷ୍ଠା ପାଇଁ
ରାମଲୀଳା ହିଁ ପ୍ରକୃଷ୍ଟସ୍ଥାନ ତତ୍ ସହିତ
ସନିକଟରେ ଜମି ପ୍ରଦାନ ପାଇଁ
ବାବରୀ ମସଜିଦ୍ ନିର୍ମାଣ ପାଇଁ
ପ୍ରଭୁ ଶ୍ରୀରାମ ପ୍ରଭୁ ଶ୍ରୀରାମ
ମର୍ଯ୍ୟାଦାବନ୍ତ ପ୍ରଭୁ ଶ୍ରୀରାମ
ଭାରତୀୟ ଜନଗଣଙ୍କ ପ୍ରତୀକ ରାମ ମନ୍ଦିର ନିର୍ମାଣ ହୋଇ

# ଉତ୍କଳ ଦିବସ

ଉତ୍କଳ ଉତ୍କଳ
ଏକ ଶ୍ରେଷ୍ଠ କଳାର ରାଜ୍ୟ
ଭାରତ ବର୍ଷେ ବିଶ୍ୱଦରବାରେ
ପ୍ରତିଷ୍ଠା ଲଭେ ଏକ ଅପ୍ରେଲ ଊଣେଇଶ ଛତିଶି ମସିହାରେ

କେତେ ଗଡ଼ଜାତ ଅଞ୍ଚଳ ତୋର
କୋଳ ମଣ୍ଡନରେ ନୂତନ ପ୍ରଦେଶ ଲଭେ
ବିଞ୍ଜ ସଂଗ୍ରାମୀ ଅନେକଙ୍କ
ସଂଗ୍ରାମରେ ଏକ ନୂତନ ରାଜ୍ୟ ଭାବରେ

ଉତ୍କଳ ଗୌରବ ମଧୁସୂଦନ ରାଓ
ଉତ୍କଳମଣି ଗୋପବନ୍ଧୁ ଦାସ
ଅବା ଉତ୍କଳକେଶରୀ ହରେକୃଷ୍ଣ ମହତାବ
ଅବା କଳିଙ୍ଗବୀର ବିଜୁ ପଟ୍ଟନାୟକ
ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଗ୍ରାମରେ
ଉତ୍କଳ ଲଭେ ସ୍ୱତନ୍ତ୍ର ପ୍ରଦେଶରେ

ମାତୃଭାଷା ତାର ଜନନୀ କୋଳେ
ଓଡ଼ିଆ ଭାଷା ଭାବରେ
ପଚିଶ ଶହ ବର୍ଷର ଇତିହାସକୁ ଆୟୁଧ ଦିଏ
ତୋ ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତାରେ
ଉତ୍କଳ ପ୍ରଦେଶର ଜନଗଣରେ

ସଂଗ୍ରାମୀବୀର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ
ତେର ଜିଲ୍ଲାର ତିରିଶି ଜିଲ୍ଲା କର୍ତ୍ତା
ବନିଗଲେ ଆଧୁନିକ ଓଡ଼ିଶାର ନିର୍ମାତା
ବିକାଶ ପଥରେ ମୁଖ୍ୟସ୍ରୋତା

ଉତ୍କଳ ଦିବସ ପାଳନ ହୁଏ
ମହା ସମାରୋହରେ
ପୁରପଲ୍ଲୀର ଓଡ଼ିଶାର ଜନଗଣେ
ଅବା ସ୍କୁଲ, କଲେଜ, ଦପ୍ତରରେ

ଆମେ ଗର୍ବିତ ଜଣେ ଓଡ଼ିଆ
ଓଡ଼ିଶା ମାଟିର ପୁଅ
ବିଶ୍ୱବିଜୟୀ ହୁଅ
ଉତ୍କଳ ମା'ର ସମ୍ମାନ ରଖ
ଯୋଉଠି ଥାଅ
ଉତ୍କଳ ଦିବସ ପାଳନ କରି
ଉତ୍କଳ ମାଟିର ଗୌରବ ବଢ଼ାଅ

# ବାଜି ରାଉତ

ବାର ବର୍ଷର ବାଳୁତ ତୁହିଁ
ନାଆଁଟି ତୋ'ର ବାଜି
ନୀଳକଣ୍ଠପୁର ଭୁବନରେ ଜନ୍ମେ
ଚିରକାଳ ଅମର ହୋଇ

ଭାରତୀୟ ମୁକ୍ତି ସଂଗ୍ରାମରେ
ଜୀବନକୁ ଦେଇଦେଲ ଝାସ
ସମଗ୍ର ବିଶ୍ୱରେ ବାର୍ତ୍ତାଦେଇ
ମା, ମାଟି, ମଣିଷର ସେବା
ନିଜ ଜୀବନର
ଅଟଳ ଅମୂଲ୍ୟ ସମ୍ପଦ

ଭୁବନ ଗାଁରେ ପ୍ରଜା ଆନ୍ଦୋଳନ ସଭା
ଗୋରାଫଉଜ ଇଂରେଜ ଅତ୍ୟାଚାର ବିରୁଦ୍ଧରେ
ଭାରତ ମା'ତାକୁ ମୁକ୍ତିଦେଲ
ଫେରିଯାଅ ନିଜଦେଶ

ପ୍ରଜା ମଣ୍ଡଳର ହୁକୁମ ନାହିଁ
ମୁଁ ନଦୀ ପାରକରିବି ନାହିଁ
ଫେରିଯାଅ ଗୋର ଫଉଜଗଣ
ନରସଂହାର କରି ଭୁବନରୁ ଆସି
ସତର ପାରିହୋଇ ବ୍ରାହ୍ମଣୀ ନଦୀରେ
ପଳାଇଯିବ ଢେଙ୍କାନାଳ ଅଭିମୁଖେ

ବାର ବର୍ଷର ବାଳୁତ ସେହି
ବୀର ବାଜିରାଉତ
ଇଂରେଜମାନଙ୍କୁ ନଦୀପାର କରାଇ ନଦେଇ
ଗୋରା ଫଉଜର ଗୁଳିରେ
ବକ୍ଷକୁ ଦେଲା ପାତି

ମା, ମାଟି, ମଣିଷ ପାଇଁ
ପୁଜ୍ୟ ହୋଇଗଲ ସମଗ୍ର ବିଶ୍ୱଜଗତେ
କିଶୋର ସହିଦ ବାଜିରାଉତ ନାମେ

ତୁମ ସ୍ମୃତିକୁ ଉଜ୍ଜୀବିତ କରି
ଭାରତ ବର୍ଷେ ପାଳନ ହୁଏ ସ୍ମୃତିଚାରଣ
ଏଗାର ଅକ୍ଟୋବର ଦିବସରେ ଓଡ଼ିଶା ସରକାର
ପାଳନ କରିଲେ ରାଜ୍ୟସ୍ତରୀୟ ସ୍ମୃତିଦିବସ

ତୁମର ସ୍ମୃତିରେ ଅନେକ କୃତିରାଜି ଗଢ଼ିଉଠେ
ଶିକ୍ଷାନୁଷ୍ଠାନ ମଣିଷ ତିଆରି
କାରଖାନା ବାଜି ରାଉତ ମେମୋରିଆଲ କଲେଜ
ମାନବ ଜାତି ପାଇଁ ଏକ ସ୍ମୃତି ଦୀପଶିଖା ଭଳି
ଏହା ସଂଗ୍ରାମୀକୁ ମୋର ପ୍ରଣାମ...

# ବାବା ବୁଦ୍ଧେଶ୍ୱର

ଭୁବନ ଈଶ୍ୱର ବାବା ବୁଦ୍ଧେଶ୍ୱର
ପାତାଲା ଫୁଟେଇ ତୁମେ ଲିଙ୍ଗେଶ୍ୱର
ଏସିଆ ମହାଦେଶ ବଡ଼ଗ୍ରାମ ଭୁବନ
ତୁମେ ବିଜେ କଲ ପ୍ରଭୁ ଶିବଶଙ୍କର

ସମଗ୍ର ମହିମଣ୍ଡଳରେ ତୁମର ଆଶିଷ
ଭକ୍ତପାଏ ସଦା ତୁମ କୃପା ଲାଭ
ବାରମାସ ତେର ପରବ ତୁମର
ସେ ପରବ ମଧ୍ୟ ବୁଦ୍ଧେଶ୍ୱର ମହୋତ୍ସବ

କାର୍ତିକ ମାସର ମହାପୁଣ୍ୟ
ଶ୍ରାବଣ ମାସରେ ଜଲାଧିଶ୍ୱର
ତୁମର ପୀଠରେ ବାଲିଯାତ୍ରା ରେ
ଜନସମାଜରେ ତୁମର ପ୍ରଚାର

ତୁମ ପୀଠ ଆଜି ପର୍ଯ୍ୟଟନୀ ସ୍ଥଳ
ଉତ୍ସବ ମୁଖର ଜନ ସମୁଦ୍ରରେ
ବଡ଼ଓଷା ନାମେ ତୁମର ପ୍ରସାଦ
ଲଭି ଭକ୍ତଜନ ସୁଖର ସଂସାର

ବାବା ବୁଢ଼େଶ୍ୱର ଭୁବନ ଈଶ୍ୱର
ତମ ଆଶିଷରେ ଭୁବନର ପୁତ୍ର
ବିଶ୍ୱଜଗତରେ ସୁନାମ ଅର୍ଜନେ
ମାନବ ଜାତି ସେବାରେ ସମର୍ପଣେ

ବାବା ବୁଢ଼େଶ୍ୱର ତୁମ ଆଶିଷରେ
ସମଗ୍ର ବିଶ୍ୱର ଜନତାର ସୁଅଛୁଟେ
ତୁମ ଦରଶନେ ତୁମ କରୁଣାପ୍ରାପ୍ତ ପାଇଁ
ତୁମ ଆଶିଷ ଲଭି
ଜନତା ନିଜକୁ ଧନ୍ୟ ମନେକରେ
ବାବା ବୁଢ଼େଶ୍ୱର କରୁଣା ଅପାର

# ସୂର୍ଯ୍ୟ

ସୂର୍ଯ୍ୟ ତମେ ସକଳ ଶକ୍ତିର ଆଧାର
ସମଗ୍ର ବିଶ୍ୱ ଜଗତରେ
ନବଗ୍ରହ ତୁମ ଚତୁପାର୍ଶ୍ୱ ଘୂର୍ଣନ କରନ୍ତି
ବର୍ଷ ବର୍ଷ ଧରି ବିଧିର ନିୟତେ

ସୂର୍ଯ୍ୟ ହିଁ ସକଳ ଉତ୍ସର ମୂଳ
ଆଦ୍ୟ ଗୁରୁଦେବ
ତା ବିନା ଆସେ ବିଶ୍ୱମୟ ଅନ୍ଧକାର ପୂର୍ଣ
ତୁମେ ଆଲୋକିତ ତୁମ ପ୍ରଫୁଲ୍ଲିତ

ସୂର୍ଯ୍ୟର କିରଣ ଆଉ
ଲଭିଦିଏ ମାନବ ସଂସାରେ
ଯାତାୟତାର ପଥେ ଆଲୋକ ବର୍ତିକା
ଅବା ସେ ଦୀପ୍ତିବନ୍ତ କିରଣ ପ୍ରତିଭା

ସୂର୍ଯ୍ୟ ସ୍ଥିର ଅଟଇ ଅଟକ
ତା'ର ଚତୁପାର୍ଶ୍ୱେ
ଘୂର୍ଣମାନ ହୁଏ ତା'ର ଆକାଶରେ
ଶୋଭାପ୍ରାପ୍ତ ହୁଏ ଅନେକ ଦିଗନ୍ତ

ସୂର୍ଯ୍ୟଦେବ ଅଟେ ସକଳ ଆଧାର
ନବଗ୍ରହ କରେ ତା'ର ପରିକ୍ରମା
ଦିନ ପରେ ରାତି, ରାତି ପରେ ଦିନ
ଗଡ଼ିଚାଲେ ସୂର୍ଯ୍ୟ ଦିନ ଦିନ ଦିନ

ସକଳ ଶକ୍ତିର ଆଧାର ସେତ
ବର୍ଷା ଖରା ଶୀତ ତା'ର ବିଦ୍ୟମାନ
ଭଲ ମନ୍ଦ ପୁଣି ନରକର ପାଣି
ଶୋଷିନିଏ ସିଏ ସର୍ଭିଙ୍କ ଆପତ
ଧନ୍ୟ ତୁମେ ସୂର୍ଯ୍ୟ
ସକଳ ଶକ୍ତିର ଆଧାର

# ଆମ ଉତ୍କଳ

ଆମ ରାଷ୍ଟ୍ର ଭାରତ ବର୍ଷେ
ଆମ ରାଜ୍ୟ ଉତ୍କଳ ଅନ୍ୟତମ
୧୯୩୬ ମସିହା ଅପ୍ରେଲ ମାସ ୧ ତାରିଖ
ଉତ୍କଳ ସମ୍ମାନ ଲଭେ ଏକ ସ୍ୱତନ୍ତ୍ର ପ୍ରଦେଶରେ

ଉତ୍କଳର ମନୁଷୀମାନଙ୍କର ସଂଗ୍ରାମର ଫଳ
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ
ଉତ୍କଳମଣି ଗୋପବନ୍ଧୁ ଉତ୍କଳ ଗୌରବ ମଧୁସୁଦନ
ଉତ୍କଳକେଶରୀ ହରେକୃଷ୍ଣ ମହତାବଙ୍କ

ସହ ସଂଗ୍ରାମୀ ସାଥୀଙ୍କ ସଂଗ୍ରାମର ଫଳ
ଏକ ସ୍ୱତନ୍ତ୍ର ପ୍ରଦେଶ ଉତ୍କଳ
ସମଗ୍ର ଭାରତବର୍ଷ ଭାଷା ଭିତିକ ପ୍ରଥମ ରାଜ୍ୟ
ଉତ୍କଳର ଆଧୁନିକ ରୁପ ଓଡ଼ିଶା ରାଜ୍ୟ

ଓଡ଼ିଆ ଭାଷା ଯାର ସରକାରୀ ଭାଷା
ମାନ୍ୟତାପ୍ରାପ୍ତ ଶାସ୍ତ୍ରୀୟ ଭାଷା ମର୍ଯ୍ୟାଦା
ପଚିଶି ଶହ ବର୍ଷର ଭାଷା ଓଡ଼ିଆ
ଓଡ଼ିଶାର ଗୌରବ ବଢ଼ିବ

କଳିଙ୍ଗବୀର ବିଜୁପଟ୍ଟନାୟକ
ଆଧୁନିକ ଓଡ଼ିଶାର ଅଟନ୍ତି ନିର୍ମାତା
ଜନସାଧାରଣଙ୍କ ନିକଟରେ ପ୍ରଶାସନ ପାଇଁ
ତେର ଜିଲ୍ଲାଠାରୁ ତିରିଶ ଜିଲ୍ଲା ଦେଲ କରାଇ
ଜନତା ସୁଶାସନ ପାଇଲେ
ସମଗ୍ର ବିଶ୍ୱେ ଓଡ଼ିଆଙ୍କ ମାନ ରଖିଲେ

ଉତ୍କଳର କଳା, ଭାସ୍କର୍ଯ୍ୟ, ସାହିତ୍ୟ
ସମଗ୍ର ବିଶ୍ୱରେ ବନ୍ଦନୀୟ
କୋଣାର୍କର ଶିଳ୍ପ ନିହାଣ ମୁନରେ
ବିଶ୍ୱର ସପ୍ତଆଶ୍ଚର୍ଯ୍ୟ ବନଇ କୋଣାର୍କ
ବାରଶହ ବଢ଼େଇଙ୍କ କାରୁକାର୍ଯ୍ୟ
ଭଗବାନ ରୂପୀ ଧର୍ମପଦ ମୁଣ୍ଡିମାରିଲେ

ଉତ୍କଳ ପ୍ରଦେଶ ଜଗତର ପ୍ରିୟ ଜଗନ୍ନାଥ
ବିଶ୍ୱସଂସ୍କୃତିର ଧର୍ମପ୍ରଚାରକ
କାଳିଆ ଠାକୁର ଆରାଧ୍ୟ ଦେବତା
ଘରେ ଘରେ ପୁଜେ ଓଡ଼ିଆ
ଧନ୍ୟ ଏହି ମାଟି ଉତ୍କଳ ଭୁମି
ଆମ ଉତ୍କଳ ଆମ ଉତ୍କଳ

# ମୋ ଭୁବନ

ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁରଠୁ ବଡ଼
ମୋ ଜନ୍ମମାଟି ଭୁବନ
ସମଗ୍ର ବିଶ୍ୱରେ ବଡ଼ଗ୍ରାମର ମାନ୍ୟତାପ୍ରାପ୍ତ
ଅଧୁନା ସହରର ମର୍ଯ୍ୟାଦାବନ୍ତ

ଇତିହାସ କହେ ଭୁବନ ଗଣ୍ଡ ନାମକ
ଅଧିବାସୀ ଭୁବନର ପ୍ରଥମ ଜନକ
ବାଣିଜ୍ୟ ପାଇଁ ଭୁବନରେ କରେ ସ୍ଥାପନ
ତା'ପରେ ଜନସମୁଦ୍ର ପରିପୂର୍ଣ୍ଣ ଭୁବନ

ଭୁବନର ମାଟି ଗୋଡ଼ି ପବନ
ସାହିତ୍ୟ ସଂସ୍କୃତି ଶିଳ୍ପୀ ନିପୁଣ
ବିଶ୍ୱଜଗତକୁ ଦିଅଇ ବାର୍ତ୍ତା
ମାନବ ସଂସ୍କୃତି ହୁଏ ଏକତା

ଭୁବନ ମାଟିର ସୁଯୋଗ୍ୟ ସନ୍ତାନ
ପ୍ରଶାସକ, ଅଧ୍ୟାପକ, ସେନାଧ୍ୟକ୍ଷ
ଅବା ଡାକ୍ତର, ଇଂଜିନିୟର
ସେ ଅବା କୃଷକ, ଶ୍ରମିକ
ମାନବ ସେବାରେ ସର୍ବେ ଅର୍ପିତ

ବାର ବର୍ଷର ବାଜି ରାଉତ
ଭୁବନ ନାମକୁ କଲା ଆଲୋକିତ
ପ୍ରଥମ କିଶୋର ଶହୀଦ୍ ଭାରତୀୟ ମୁକ୍ତିସଂଗ୍ରାମେ
କୀର୍ତିରାଜି ଲଭେ ସାରା ଜଗତେ

କଂସା, ପିତଳ ବାସନ ସମାଗ୍ରୀ
ଭୁବନ ଶିଳ୍ପୀର କଲା ନିପୁଣ
ବିଶ୍ୱ ଜଗତକୁ ଲଭେ ସମ୍ମାନ
ମୋ ଭୁବନ

ଭୁବନ ଦଶହରା ବଳଦ ଯାତ୍ରା
ଭାରତୀୟ ସଂସ୍କୃତିର ଏକ ଝଲକ
ଐତିହ୍ୟ ସମ୍ପନ୍ନ ବଳଦଯାତ୍ରା
ବେପାରୀ ବାଣିଜ୍ୟର ଅଟେ ଅଗ୍ରଦୂତ

ମା ମାଟି ଭୁବନ ସନ୍ତାନଗଣ
ମାନବ ଜାତିରେ ସେବା ଅର୍ପଣ
ମୁଁ ନିଜେ ଜନମି ଏହି ମାଟିରେ
ଧନ୍ୟମନେକରେ ମୋର ଜୀବନ
ମୋର ସଲାମି ଅଟଇ
ମା' ମାଟି ଭୁବନ ମୋ ଭୁବନ

# ବଳଦ ଯାତ୍ରା

ଗୋ ମାତା ଅଟଇ ପୂଜ୍ୟ
ଭାରତୀୟ ସଂସ୍କୃତି ପରମ୍ପରାରେ
ତେତିଶି କୋଟି ଦେବତା
ବିଦ୍ୟମାନ ତାଙ୍କ ଶରୀରରେ

ବଳଦ ଯାତ୍ରା ଏକ ପ୍ରମୁଖ ଯାତ୍ରା
ଏସିଆ ମହାଦେଶେ
ବଡ଼ଗ୍ରାମ ଭୁବନରେ
ଦଶହରା ଦୁର୍ଗାପୂଜା ଅବସରରେ

ଭୁବନ ଗ୍ରାମେ ଜନବସତି ଅଞ୍ଚଳେ
ତେତିଶି ପାଟକ ବସନ୍ତି ବାସକରି
ତନ୍ମଧ୍ୟରୁ ଥୋରିଆ ପାଟକ
ସାଜନ୍ତି ବଳଦଯାତ୍ରାର ମୁଖ୍ୟ ବିନ୍ଧାଣି

ଅତୀତେ ସୁମିତ୍ରା ମାଳଦ୍ୱୀପ ଜାଭା
ସହରକୁ ଯା'ନ୍ତି ବାଣିଜ୍ୟ କରି
ବଳଦ ପିଠିରେ ଯାଇଥାନ୍ତି
ଥୋରିଆ ପାଟକ ବାଣିଜ୍ୟ କରି

ଆଧୁନିକ ମାନବ ସମାଜର
ପରିବର୍ତ୍ତନ ଚାଲିଚଳଣିରେ
ବସ, ଟ୍ରକ ଓ ଉଡ଼ାଜାହାଜର
ପ୍ରସାର ଦିଗରେ ଅଗ୍ରସରେ

ଭୁବନ ଗ୍ରାମର ପୂର୍ବସୁରୀମାନଙ୍କ
ସମ୍ମାନକୁ ବଜାଏ ରଖିବାକୁ
ଐତିହ୍ୟ ଓ ପରମ୍ପରାକୁ ସମ୍ମାନ ଦେବାକୁ
ଥୋରିଆ ପାଟକ ବଳଦ ଯାତ୍ରା

ଆରମ୍ଭ କରଇ ଦଶହରା ଅବସରେ
ଭୁବନ ଗ୍ରାମର ଗଣପଣ ପର୍ବ ଅଟେ
ଦଶହରା ବଳଦ ଯାତ୍ରାସୁସଜ୍ଜିତ ବିମାନରେ
ଟାହିଆ ପକ୍ଷୀ ଲଗାଇ
ବଳଦ ଯାଆନ୍ତି ଯାତ୍ରାକରି
ଜନସମାବେଶରେ

ମା ଦୁର୍ଗା ଦେବୀଙ୍କ ମୃଣ୍ମୟୀ ପ୍ରତିମା ସହ
ଚାଳିଶିଗୋଟି ଦଶହରା ବଳଦଯାତ୍ରା
ଦୁଇଦିନ ଧରି ଭୁବନ ରଚନ୍ତି
ଐତିହାସିକ ବଳଦ ଯାତ୍ରା
ଭାରତୀୟ ସଂସ୍କୃତିର ଏକ
ଝଲକ ଭାବରେ।

# କନ୍ୟା ରତ୍ନ

ସମଗ୍ର ସୃଷ୍ଟିର ସଂସାର ଭିତରେ
କନ୍ୟାରତ୍ନ ଅନ୍ୟତମ
ପିତାଙ୍କ ଔରସରୁ ଓ ମାତାଙ୍କ ଗର୍ଭରୁ
ଜନ୍ମଜାତ କନ୍ୟାରତ୍ନ

କେତେ ଅଲିଅଳ କନ୍ୟା ଥିଲା ସିଏ
ଦଶମାସ ଧରି ମାତୃଗର୍ଭେ ଥାଏ
ଭୂମିଷ୍ଠ ହୋଇଣ ପରିବାରେ ଆନନ୍ଦେ ଦିଏ
ସର୍ଭିଙ୍କ ମନକୁ ମୋହି ସେ ନିଏ
ସେତ କନ୍ୟାରତ୍ନ ଆଉ କିଏ

ପାଠପଢ଼ି ସିଏ ବାପା ଓ ମାଙ୍କ
ସମ୍ମାନ ରକ୍ଷାକରି
ସମାଜ ସେବାକରେ ବିଭିନ୍ନ ପଦପଦବୀରେ
ସୈନିକ ଡାକ୍ତର ଅଧ୍ୟାପିକା
ଅବା ଶିକ୍ଷୟିତ୍ରୀ ପୁଣି ସିଏ ଗୃହିଣୀଭାବରେ
କନ୍ୟାରତ୍ନ ସମାଜରେ ଆଦର ପାଏ

ଜନ୍ମ, ଶିକ୍ଷା, କର୍ମ ଅନ୍ତେ
ବିବାହ ବୟସେ
ବାପା, ମା ଙ୍କ  କନ୍ୟାରତ୍ନ
ସାଜେ ଦୁହିତା ଦୁଇ କୁଳକୁ ହିତା
ବାପା, ମାଙ୍କୁ ପର କରି ଚାଲିଯାଏ
ସେ ପରା ସଭିଙ୍କ କନ୍ୟାରତ୍ନଟିଏ

ସୁଦୂର ପରଜନକୁ ନିଜରକରି
ଶ୍ୱଶୁରାଳୟେ ସ୍ୱାମୀଙ୍କ ସହ
ଜୀବନ ବିତାଏ ଏ କନ୍ୟାରତ୍ନ
ତା'ପରି ସରସ ସୁନ୍ଦର ଅବା କିଏ

ସେହିତ କନ୍ୟାରତ୍ନ ଟାଏଁ
କନ୍ୟାରତ୍ନଟି ବନିଯାଏ
ଜାୟା, ଜନନୀ, ଭଗିନୀ
ମାତୃରୂପୀ ଅବତାର ସିଏ
ସଭିଁଙ୍କ ମନନେଇ ପରିବାର ରଥକୁ
ଆଗକୁ ନେଇଥାଏ କନ୍ୟାରତ୍ନ ସିଏ

କନ୍ୟାରତ୍ନ ସିଏ ଭାଇଭଉଣୀର
ଅନାବିଳ ପ୍ରେମ ସମ୍ପର୍କର
ରକ୍ଷାବନ୍ଧନରେ ପୁଣି ଅବା
ସମାଜର ସବୁ ପର୍ବପର୍ବାଣିରେ
ନୂତନ ପୋଷାକ ଧାରଣ କରେ ସିଏ
ଆମ କନ୍ୟରତ୍ନ ସିଏ

# ବିଶ୍ୱବିଦ୍ୟାଳୟ

ବିଶ୍ୱବିଦ୍ୟାଳୟ ଅଟଇ ଶିକ୍ଷାର ସର୍ବୋଚ୍ଚ ମନ୍ଦିର
ସମଗ୍ର ବିଶ୍ୱଜଗତରେ
ଆଲୋକର ଦିପିକା ଦୂରକରେ
ଅନ୍ଧାରରେ ସମଗ୍ର ମାନବ ଜାତିରେ

ବିଶ୍ୱବିଦ୍ୟାଳୟେ (ୟୁନିଭରସିଟ୍) ଅଟଇ
ସର୍ବୋଚ୍ଚ ଶିଖର ଶିକ୍ଷା ଜଗତରେ
ରୂପେ ପୂଜାପାଇ ଥାଏ ଉଚ୍ଚ ଶିକ୍ଷାରେ
ସମଗ୍ର ମହିମଣ୍ଡଳରେ

ବିଶ୍ୱବିଦ୍ୟାଳୟ ଏକ ଆଲୋକ ବର୍ତିକା
ଉଚ୍ଚଶିକ୍ଷା ବିତରଣରେ
ସ୍ନାତକ (ଅର୍ନସ) ଶିକ୍ଷା ଅବା
ସ୍ନାତକୋତ୍ତର (ପିଜି) ଶିକ୍ଷା ପ୍ରଦାନରେ

ବିଶ୍ୱବିଦ୍ୟାଳୟ ଅଟେ ପ୍ରମୁଖ
ଗବେଷଣା କେନ୍ଦ୍ରେ
ଡକ୍ଟରାଲ (ପିଏଚ.ଡ଼ି) ଅବା ପୋଷ୍ଟ ଡ଼କ୍ଟରାଲ (ଡିଲିଟ୍)
ଉତ୍କର୍ଷ ଗବେଷଣା କେନ୍ଦ୍ର ଭାବେ

ବିଶ୍ୱବିଦ୍ୟାଳୟେ ଗବେଷକମାନେ
ଉଦ୍ଭାବନ କରିଥାନ୍ତି
ନୂଆ ନୂଆ ତଥ୍ୟ ଗାଇଡ଼ି ସାରଙ୍କ
ପ୍ରତ୍ୟେକ ତତ୍ତ୍ୱାବଧାନରେ

ବିଶ୍ୱ ବିଦ୍ୟାଳୟ ପୁଣି ଶୋଭାପାଉଥାଏ
ଶିକ୍ଷାର ପରିଧିଭାବେ
କର୍ମଚାରୀଗଣେ ପ୍ରଫେସର ଗହଣେ
କୁଳପତିଙ୍କ ନେତୃତ୍ୱାଧିନେ

ବିଶ୍ୱବିଦ୍ୟାଳୟ ପୁଣି ସ୍ଥାନୀତ ହୁଅଇ
ପ୍ରତିନିଧିଗଣ ଛାତ୍ରସଂସଦ ଭିତରେ
ଅବାପୁଣି ପୁରାତନ ଶିକ୍ଷାର୍ଥୀ
ଆଲୁମିନି ଆସୋସିଏସନରେ

ବିଶ୍ୱବିଦ୍ୟାଳୟ ବାର୍ଷିକ ଉତ୍ସବ
ସମାବର୍ତନ ନାମରେ
ସଭାପତିତ୍ୱ କରିଥାନ୍ତି କୁଳାଧିପତି
ମହାମହିମ ରାଜ୍ୟପାଳ

ମୁଖ୍ୟ ଅତିଥି ହୋଇଥାନ୍ତି ବିଶିଷ୍ଟ ବ୍ୟକ୍ତି
ସମ୍ମାନଜନକ ଡ଼କ୍ଟରେଟ ଉପାଧି
ମିଳିଥାଏ ସାହିତ୍ୟ, କଳା, ବିଜ୍ଞାନ ବିଶେଷଜ୍ଞ
ଉକ୍ତ ସମାବର୍ତନ ଉତ୍ସବରେ
ବିଶ୍ୱବିଦ୍ୟାଳୟରେ

# ବାପା

ବାପା ବୋଲି ଯେଉଁ ଅକ୍ଷର ଦୁଇଟି
ସୃଷ୍ଟିର ଜନକ ସେହି
ସଂସାର ରୂପକ ରଥର ସାରଥି
ମା'ଙ୍କୁ ସାଙ୍ଗରେ ନେଇ

ବାପାଙ୍କୁ ସମ୍ମାନ ମିଳେ
ସର୍ବୋଚ୍ଚ ଆସନେ ବିଶ୍ୱ ଦରବାରେ
ସୃଷ୍ଟିର ଜନକ ଭାବରେ
ଏ ମହି ମଣ୍ଡଳରେ

କର୍ମକରି ବାପା ସଂସାର ଚଳାଏ
ଶିଶୁଙ୍କୁ ପାଳନ କରି
ନିଜେ କଷ୍ଟକରି ଶିକ୍ଷାଦେଇଥାଏ
ନିଜ ସନ୍ତାନକୁ ମଣିଷ କରି

ଖରା, ବର୍ଷା, ଶୀତ ଖାତିରି ନକରି
କର୍ମକରି ଚାଲିଥାଏ
ପିଲାଙ୍କ ଜୀବନ ସୁଖଭରିଦିଏ
ଧନ୍ୟ ସେହି ବାପା
ତାଙ୍କ ପରି ହେବ କିଏ

ବାପା ପୁଣି ସେହି
ନିଜର ସନ୍ତାନକୁ ଜନ୍ମପରେ ଶିକ୍ଷାଦିଏ,
ତାପରେ ପୁଣି କର୍ମ ସନ୍ଧାନରେ
ସାରଥି ସାଜିଥାଏ

ବାପା ଅଟେ ମହାନ
ସନ୍ତାନକୁ ସିଏ ବିବାହ ବନ୍ଧନରେ
ନୂଆ ସଂସାର କରିବାପାଇଁ
ଆଶୀର୍ବାଦ ବଚନ ଦେଇଥାଏ
ତାଙ୍କପରି ଆଉ ହେବ କିଏ

ବାପା ପୁଣି ସିଏ ବନିଯାଏ
ଜୀବନରେ ଜେଜବାପା ଅବା ଅଜାର ରୂପରେ
ନାତି, ନାତୁଣୀଙ୍କୁ ସ୍ନେହଭରାଦେଇ
ଲାଳନ ପାଳନ କରିଥାଏ
ବାପା ପରି କିଏ ହୁଏ

ବାପା ଥିଲା ପୁଅ ସଭାରେ ହାରେନା
ଏ ବାକ୍ୟଟିର ସତ୍ୟ ଥାଏ
ଆମ ପରମ୍ପରା ଆମ ସଂସ୍କୃତିରେ
ବାପା ପରି ଆଉ କିଏ
ଧନ୍ୟ ବାପା ଆମ ସିଏ

# ମା'

ମା' ମା' ମା' ଏକ ଶବ୍ଦ ନୁହେଁ
ବିଶ୍ୱର ଜନନୀ ସିଏ
ନାରୀ ରୂପୀ ସିଏ ଜନନୀ ସଭିର
ବିଶ୍ୱ ବନ୍ଦନା ସିଏ

ମା' ବୋଲି ଶବ୍ଦଟି
ପୃଥିବୀ ଠାରୁ ବଡ଼
ଦଶମାସ  ଦଶଦିନ ମାତୃଗର୍ଭରେ
ଶିଶୁଟି ଭୂମିଷ୍ଠ ହୁଅଇ ଏ ସଂସାରରେ

ମା' ପରା ସେହି
ଶିଶୁ ବିନା ଖାଦ୍ୟ ଖାଏ ନାହିଁ ସେହି
ଶିଶୁ ଖାଇସାରି ପରେ ଖାଇଥାଏ
ଧନ୍ୟ ସେହି ପରଶମଣି ମା

ମା' ପରା ସେହି
ସନ୍ତାନକୁ ଦଶମାସ ଦଶଦିନ
ମାତୃଗର୍ଭେ ଧାରଣପରେ
ତିନିବର୍ଷ ଧରି ମା ତା କୋଳରେ
ଶିଶୁକୁ ଧରି ପାଳିଥାଏ

ଠୁକୁ ଠୁକୁ ପାଦେ ଚାଲି ପଡ଼ିଯାଏ
ଶିଶୁଟିକୁ ଉଠାଇଥାଏ ମା ସ୍ନେହୀ
ତା ଲାଳନ ପାଳନ ଜଗତ ଭିତରେ
ତୁଳନା କାହାର ନାହିଁ।

ମା ଅଟେ ପୁଣି ଶିକ୍ଷୟିତ୍ରୀ ପରା
ପ୍ରଥମେ ସନ୍ତାନ ଗହଣେ
ବିଦ୍ୟାରମ୍ଭ ପରେ ଅନାଇଥାଏ ସେ
ଶିଶୁର ଫେରିବା ବାଟକୁ ଚାହିଁ ସେ

ଜନ୍ମ ଦେବା ପରେ କର୍ମସ୍ତରରେ ପୁଣି
ମା ର ସଂସ୍କାର ଶିଶୁଟି ପାଇଁ
ଆଣିଥାଏ ଅମୂଲ୍ୟର ବାଣୀ
ନିଜର ଜୀବନ ଦୀପରେ

ବିବାହ ବେଳରେ ମା'ର ଭୂମିକା
ଯୋଗ୍ୟ ପାତ୍ର ବା ପାତ୍ରୀ ସନ୍ଧାନରେ
ନବବଧୂଟିକୁ ଚଳାଇ ନିଏସେ
ଭଲମନ୍ଦ ବାଣୀ ଦେଇ ଶାଶୁ ମା ଭାବରେ

ମା' ପରି ସେହି ଅନନ୍ତ ଜୀବନେ
ଲଭଇ ଜେଜେ ମା ପୁଣି ଆଈ
ସମୟ ବିତାଏ ନାତି ନାତୁଣୀଙ୍କୁ ନେଇ
ଧନ୍ୟ ପରା ଆମ ମା' ସେହି

# ସହଧର୍ମିଣୀ

ପତିଙ୍କୁ ପତନର ମୁହଁରୁ
ରକ୍ଷାକରୁଥିବାରୁ
ତୁମନାମ ପତ୍ନୀ
ଅନ୍ୟନାମେ ସହଧର୍ମିଣୀ

ନାରୀ ରୂପୀ ନାରାୟଣୀ
ପୁଣି ଅଟଇ ଭଗିନୀ, ଭାଇର ପାଖରେ
ମାତୃରୂପିଣୀ ତୁମେ ପୁଣି
ନିଜ ସନ୍ତାନ ସନ୍ତତିଙ୍କ ଗହଣେ

ତୁମେ ପୁଣି ସେହି
ଅବଳା ଦୁର୍ବଳାକୁ ପ୍ରତିହତ କରି
ସମାଜକୁ ଦେଇଥାଅ
ଆଲୋକ ବର୍ତିକା ନାରୀରୂପୀ

ବାପା ମା'ଙ୍କ ଗହଣେ ଜନ୍ମ ଲଭଇ
ଭାଇ ଭଉଣୀ ଗହଣେ ଆତଜାତ ହୋଇ
ସାଙ୍ଗସାଥି ମେଳେ ଜୀବନ ବିତାଇ
ବିବାହ ବେଳେ ପାଣିଗ୍ରହଣ କରି
ପତି ପରମେଶ୍ୱରଙ୍କ ସାଥେ

ତୁମେ ଅଟେ କର୍ମଜୀବୀ ନାରୀ
ତୁମେ ଅଟେ ପୁଣି ରାଷ୍ଟ୍ରସେବିକା
ମା ମାଟି ମଣିଷର ବନ୍ଧନ ବୁକୁରୁ
ଚାଲିଯାଅ ଜୀବନସାଥୀ ସାଙ୍ଗେ ନୂଆ ରାଇଜରେ

ତୁମେ ପୁଣି ଦୁହିତା ଦୁଇ କୁଳକୁ ହିତା
ବାପାଘରେ ଅବା ଶ୍ୱଶୁରାଳୟରେ
ଶାଶୂ, ନଣନ୍ଦ, ଦିଅର, ଯାଆ ମେଳରେ
ସନ୍ତାନ ଗ୍ରହଣେ ଆନନ୍ଦ ଲଭିଣ
ଏକାକାର କରିଦିଅ ପରିବାରରେ

ତୁମେ ଧର୍ମାନୁଯାୟୀ ପତ୍ନୀ
ଅନ୍ୟନାମ ଧର୍ମପତ୍ନୀ
ପତିର ସୁଖଦୁଃଖରେ ସାମିଲ କରିଲ
ନିଜ ଜୀବନକୁ
ଶତରୂପୀ ସହଧର୍ମିଣୀ ଭାବରେ

# ପ୍ରେମିକା

ପ୍ରେମ ରୂପୀ ନାୟିକାର
ତୁମେ ଯେ ସାରଥୀ
ପ୍ରେମ ରୂପୀ ସଂଗ୍ରାମରେ
କରିଦିଅ ନିଜକୁ ଆହୁତି

ଧନ ମନ ଜନ ତନ
ଏକତ୍ରିତ କରି
ନିଜକୁ ଅର୍ପଣ କରିଥାଅ
ଜଣେ ସଫଳ ପ୍ରେମିକା ହୋଇ

ତୁମ ପ୍ରେମ ତୁମ ଭଲପାଇବାରେ
ଅନେକ ନିଛକ ସତ୍ୟ
ଅବା ଅଟେ ମଧୁର ଆବେଦନ
ମିଳନର ବାହୁବନ୍ଧନରେ

ତୁମ ପ୍ରେମ ସାଗର ର ନାବିକା
ନୌକା ପଥରେ
ତୁମେ ଅଟେ ଦୀପ୍ତିବନ୍ତ ରେଖା
ପ୍ରେମିକର ପ୍ରେମ ସ୍ପନ୍ଦନରେ

ପ୍ରେମର ଦୁଇଟି ଅକ୍ଷର ବା
ଅଢ଼େଇ ଅକ୍ଷର ମାତ୍ର
କିନ୍ତୁ ତୁମ ପ୍ରେମ ସାଗରରେ
ପ୍ରେମିକ ବନଇ ସାଗରରେ ଢେଉ

ଅଧୁନା ପ୍ରେମରେ ନାହିଁ ବାସ୍ତବତା
ଅଛି କେବଳ ସ୍ୱାର୍ଥପରତା
ପ୍ରେମରେ ନାହିଁ ପୁଲକତା
ଅଛି କେବଳ କଣ୍ଟକିତ ରାସ୍ତା
ତୁମେ ହିଁ ପ୍ରେମିକା କେବଳ ପ୍ରେମିକା

ପ୍ରେମର ମାଦକତା
ଅବା ପ୍ରେମିକର ଚଞ୍ଚଳତା
ନୀଳକଣ୍ଠ ଭଳି ଗରଳ ପିଇ
ତୁମେ ବନିଯାଅ ସଚ୍ଚା ପ୍ରେମିକା
ସଚ୍ଚା ପ୍ରେମିକା

ଦୂରେଇ ଯାଇଛି ପ୍ରେମର ଭାଷା
ଦୈହିକ ସଂପର୍କ ଆଗରେ ପ୍ରେମ ତୁଚ୍ଛ ।
ନିଛକ ସ୍ୱାର୍ଥପରତା
ପ୍ରେମିକର ପ୍ରବଞ୍ଚନାରେ
ପ୍ରେମିକା ଜଳିଯାଏ ଜୀବନର
ଅମୂଲ୍ୟ ଦୀପଶିଖା
ତୁମେ ହିଁ ପ୍ରେମିକା
ତୁମେ ହିଁ ପ୍ରେମିକା

# ରିକ୍ସା ଚାଳକ

ରିକ୍ସା ଚାଳକ  ତୁମେ ରିକ୍ସା ଚାଳକ
ତିନୋଟି ଚକାଭରା ଗାଡ଼ିର ବାହକ
ସକାଳୁ ରାତ୍ରଯାଏ ତୁମେ ଚାଳକ
ଜନମାନସର ତୁମେ ବାହକ

ଗରିବ ଗୁରୁବା ଧନୀ ଜନ
ସମସ୍ତେ ଆଦରି ତୁମରି ମନ
ଗନ୍ତବ୍ୟ ସ୍ଥାନରୁ ଗନ୍ତବ୍ୟ ସ୍ଥାନ
ଘୂରି ବୁଲାଇବାରେ ତୁମେ ବାହକ
ରିକ୍ସା ଚାଳକ ତୁମେ ରିକ୍ସା ଚାଳକ

ପଲ୍ଲୀଠୁ ଦିଲ୍ଲୀ ତୁମେ ଆଦର
ସଭିଙ୍କ ପାଖରେ ତୁମେ ନିଜର
ଜନପଥରେ ତୁମେ ସାରଥି
ଜନଗଣଙ୍କୁ ସାଥିରେ ଧରି

କି ଅବା ଡ଼ାକ୍ତରଖାନା
ପୁଣି ବିଶ୍ୱବିଦ୍ୟାଳୟ ପାଠାଗାର
କି ଅବା ବନ୍ଧୁ ପରିଜନ ଘର
ତୁମେ ବାହାକ ତୁମେ ବାହାକ
ରିକ୍ସା ଚାଳକ ତୁମେ ରିକ୍ସା ଚାଳକ

ମଠ, ମନ୍ଦିର, ମସଜିଦ୍ ଅବା ଗୀର୍ଜାଘର
ହେଉ ଅବା ସମୁଦ୍ରକୂଳ
ମାନବ ରଥର ତୁମେ ସାରଥି
ସର୍ବଦା ଦିଅନ୍ତି ସୁଖ ଶାନ୍ତି
ସେ ହେଉଛନ୍ତି ରିକ୍ସାଚାଳକ ରିକ୍ସାଚାଳକ

ଯାନି ଯାତରା ପର୍ବପର୍ବାଣି
ଅବା ବିବାହ ବ୍ରତ
ବନ୍ଧୁ ପରିଜନେ ତୁମକୁ ଲୋଡ଼ା
ପଥରେ ସୁଗମ ପଥ
ଧନ୍ୟବାଦ ତୁମେ କର୍ମବୀର
ରିକ୍ସାଚାଳକ ରିକ୍ସାଚାଳକ

# ଡାକବାଲା

ଡାକବାଲା ତୁମେ ଡାକବାଲା
ସଭିଁଙ୍କର ପ୍ରିୟ ଡାକବାଲା
ଧନୀ ଗରିବ ସରକାରୀ ବାବୁ
ଅପେକ୍ଷା କରିଥାନ୍ତି ତୁମ ପାଦଚଲା
ଡାକବାଲା ତୁମେ ଡାକବାଲା

ପଲ୍ଲୀଠୁ ଦିଲ୍ଲୀ ତୁମ କାର୍ଯ୍ୟାଳୟ
ଯୋଗାଯୋଗ ମନ୍ତ୍ରାଣାଳୟେ
ଭାରତ ବର୍ଷରେ ପୂଜ୍ୟତୁମେ
ସଭିଙ୍କ ପାଖରେ ଡାକବାଲା ଭାବରେ

ହେଉଅବା ସରକାରୀ ପତ୍ର
ଅବା ବେସରକାରୀ ପତ୍ର
ଅବା ମନିଅର୍ଡର ସଭିଁଏ ଅପେକ୍ଷା
ତୁମର ଚଲାପଥକୁ
ବିଶ୍ୱାସ ଭାଜନେ ଜନମାନସରେ
ତୁମେ ପରା ସେହି ଡାକବାଲା

ଖରା ବରଷା କାକରକୁ ଖାତିରି ନାହିଁ
ସାଇକେଲରେ ତୁମେ ଯାଅ ପଳାଇ
ଘରେ ଘରେ ତୁମେ ଚିଠି ଦେଇ
ଜନମାନସରେ ମନ ଲଗାଇ
ଆପଣାର ସାଜୁ ତୁହି
ଡାକବାଲା ଭାଇ ଡାକବାଲା ଭାଇ

ତୁମେ ତ ନିର୍ଭୀକ ତୁମେତ ଦାମ୍ଭିକ
ତୁମ ପରା ସତ୍ୟବାନ
ନିଜ ଜୀବନକୁ ଉତ୍ସର୍ଗ କର
ତୁମେ ଜଣେ ମହାନ
ସଭିଙ୍କ ମୁହଁରେ ତମ ପରିଚୟ ଗାନ
ଡାକବାଲା ତୁମେ ଡାକବାଲା

# ମୁଁ ଓଡ଼ିଆ

ମୁଁ ଓଡ଼ିଆ ମୁଁ ଓଡ଼ିଆ
ମୁଁ ଗର୍ବିତ ମୁଁ ଓଡ଼ିଆ
ଓଡ଼ିଶା ପ୍ରଦେଶ ଓଡ଼ିଆ ଭାଷା
ସଭିଙ୍କ ଆଦର ମାତୃଭାଷା
ମୁଁ ଓଡ଼ିଆ ମୁଁ ଓଡ଼ିଆ
ଓଡ଼ିଆ ପୁଅର ବୀରକାହାଣୀ
ଭାରତବର୍ଷରେ ହୁଅଇ ଠାଣି
ଓଡ଼ିଆ ପୁଅ ଜୟୀରାଜଗୁରୁଙ୍କ ପାଇକ ବିଦ୍ରୋହ
ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ସଂଗ୍ରାମ
ଓଡ଼ିଆ ପୁଅର କୀର୍ତିରାଜି
କାଳକାଳକୁ ସେ ହୋଇଲା ଜୟୀ
ବାର ବରଷର ଓଡ଼ିଆପୁଅ
ବାଜିରାଉତ
ଇଂରେଜକୁ କଲା ପ୍ରତ୍ୟାହୃତ
ଗୁଳିଖାଇଲା ଜନମ ମାଟିରେ
ଅମର ହେଲା ସେ କାଳକାଳରେ
ମାଁ ଓଡ଼ିଆ ମୁଁ ଓଡ଼ିଆ
ଧର୍ମପଦ ସେହି ଶିଳ୍ପୀଗଣେ
ମୁଣ୍ଡିମାରିଲା ସୂର୍ଯ୍ୟମନ୍ଦିର କୋଣାର୍କରେ
ପୃଥିବୀର ସପ୍ତଆଶ୍ଚର୍ଯ୍ୟ ମଧ୍ୟେ
ସ୍ଥାନ ପାଇଲେ ଓଡ଼ିଆ ପୁଅର ଶିଳ୍ପୀର କଥା

# କରୋନା

କର�ୋନାରେ ତୁ କରୋନା
ଏକ ରୋଗ ରୂପୀ
ଜନମିଲୁ ତୁହି ଚୀନ ରାଷ୍ଟ୍ରେ
ବିଶ୍ୱକୁ କରିଲୁ କରାୟତ୍ତ

କରୋନାରେ କରୋନା
କିଏ କହେ ତୁହି
ଆବର୍ଜନାରୁ ଜାତ
କିଏ କହେ ତୁ ଏକ
ରାସାୟନିକ ପଦାର୍ଥରୁ ନିର୍ଗତ

ତୋର ଭୟାଭୟ ରୂପ
କରି କାଳଗ୍ରାସ
ସମଗ୍ର ବିଶ୍ୱଜଗତରେ ଦୁଇ ଶହ ଦଶ ରାଷ୍ଟ୍ରରେ
ବିଶ୍ୱ ଜନତା ଆତଙ୍କିତ ହୁଏ
ଲଭଇ ତୋ ପରଶ

କରୋନାରେ ତୁହିଁ କରୋନା
ତୋ ପରଶ ଲଭି
ଜନମାନସରେ ପ୍ରତିଫଳିତ ହୁଏ
ଜ୍ୱର, କାଶ, ଅଣ୍ଟାପୀଡ଼ା
ପୁଣି ଅବା ଶାରୀରିକ ଦୁର୍ବଳତା

କରୋନା ସ୍ପର୍ଶେ ସମଗ୍ର ବିଶ୍ୱ ଜଗତେ
ପନ୍ଦର ଲକ୍ଷ ଜନତା ଆକ୍ରାନ୍ତେ
ଏକ ଲକ୍ଷ ପଚାଶ ହଜାର ଜନତା ମୃତ ହୋଇ
ଦୁଇ ଲକ୍ଷ ଲୋକ ସୁସ୍ଥ ଫେରନ୍ତା

ଚହଲ ପକାଇ ଜନସମୁଦ୍ରରେ
ଆତଙ୍କିତ କରି ପଳାଉଚୁ
ଡାକ୍ତର ନର୍ସଙ୍କ ସେବା ଜୀବନେ
ସମଗ୍ର ବିଶ୍ୱ କବଳିତ

ତୋ ପାଇଁ ଭାଳେଣି ବିଶ୍ୱନେତାଙ୍କ
ଜାତି ସଂଘର ବୈଠକ
ଘୋର ବିପର୍ଯ୍ୟସ୍ତେ କାଳ ପାତି ଥାଏ
ମାନବ ଜାତିରେ ପ୍ରକଟ

କରୋନାରେ ତୁହି କରୋନା
ଆତଙ୍କିତ କରୁ ମାନବ ଲୀଳାକୁ
ବିଶ୍ୱ ସଂହାର କି କରିଦେବୁ
ତୋତେ ନିପାତ କରି
ଏ ମାନବ ଜାତି ବିଶ୍ୱରେ ଉଡ଼ାଇବ
ବିଜୟ ବାନା
ତୋ'ର ସହିତ ମାନବ ଜାତିର ଯୁଦ୍ଧ ଡାକରା
କରୋନାରେ ତୁହି କରୋନା

# ଲକ୍ ଡାଉନ

କରୋନା ରୂପୀ ମହାମାରୀ ଯୋଗୁ
ବିଶ୍ୱ ଜନତା ଆତଙ୍କିତ
ସମଗ୍ର ବିଶ୍ୱରେ କରାୟତ୍ତ କରି
ମହାମାରୀ ରୂପୀ ମାନବଙ୍କୁ

ସମଗ୍ର ବିଶ୍ୱମଧ୍ୟରେ ଆମ ରାଷ୍ଟ୍ର
ଭାରତରେ ତୋ'ର ପ୍ରବେଶ
ବିଶ୍ୱଦରବାରୁ ଭାରତୀୟ ଆସି
ସ୍ୱଦେଶରେ ଉପନିବେଶ
କରୋନା ମହାମାରୀରେ ଆକ୍ରାନ୍ତ

ମାର୍ଚ୍ଚମାସ ତେଇଶି ତାରିଖ ମଧ୍ୟରାତ୍ରରୁ
ମେ ମାସ ତିନି ତାରିଖ
ଦୀର୍ଘ ଚାଳିଶ ଦିନ ସମଗ୍ର ଭାରତେ
ଲକ୍‌ଡ଼ାଉନ ପାଳିତ
ପ୍ରଧାମମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ
ଭାରତବାସୀ ହୁଏ ଜାଗ୍ରତ

ଲକଡ଼ାଉନ ସମୟରେ
ସମଗ୍ର ଭାରତ ବନ୍ଦ
ଜନତା ସମୂହ ନିଜ ଘରେ ରହି
ପ୍ରତିହିତ କରିଥାଏ
ମହାମାରୀ କୋରନାକୁ

ଲକଡ଼ାଉନ ସମୟରେ ପରା
ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ
ଶିକ୍ଷାନୁଷ୍ଠାନ ସହ ଧର୍ମାନୁଷ୍ଠାନ ବନ୍ଦ
ବନ୍ଦ'ର ବଳରେ ପ୍ରଭାବ ମଧ୍ୟରେ
ଭାରତୀୟ ଜନତା ବିଲୁପ୍ତ

ଲକଡ଼ାଉନ ସମୟରେ ପୁଣି
ଭାରତୀୟ ରେଳଯାନ ଅଚଳ
ଅବା ଭାରତୀୟ ବାୟୁଯାନ ନିଷ୍ଫଳ
ସରକାରୀ ବେସରକାରୀ ଯାତ୍ରୀବାହୀ ବସ ନିଷ୍କ୍ରିୟ
ଲକଡ଼ାଉନ ଚାଲେଞ୍ଜ କରେ
ନିପାତ କରିବା ମହାମାରୀ କରୋନାକୁ

ଲକଡ଼ାଉନ ଲକଡ଼ାଉନ
ଆମ ରାଷ୍ଟ୍ର ଭାରତେ ନୁହେଁ
ସମଗ୍ର ବିଶ୍ୱ ଆତଙ୍କିତ
ମାନବ ସମାଜ ଯୁଦ୍ଧ କରୋଇ
କରୋନାକୁ କର ନିପାତ
ଲକଡ଼ାଉନ ଦ୍ୱାରା ସଂଯତ
କରୋନାକୁ କର ନିପାତ

# ଶିକ୍ଷକ

ଶିକ୍ଷକ ଆମ ଶିକ୍ଷକ
ଆମ ସର୍ଭିଙ୍କର ଶିକ୍ଷକ
ଶିକ୍ଷା ଆଲୋକର ଦୀପ୍ତିଶିକ୍ଷା ପରା
ମାନବ ଜାତିର ବାହାକ
ଶିକ୍ଷକ ଆମ ଶିକ୍ଷକ

ଶିକ୍ଷକ ତୁମେ ସମ୍ମାନୀତ ହୁଅ
ବିଭିନ୍ନ ସ୍ତରର ମାନ୍ୟତା ପାଅ
ପ୍ରାଥମିକ ଅବା ମାଧ୍ୟମିକ ହେବ
କଲେଜ କିମ୍ବା ବିଶ୍ୱବିଦ୍ୟାଳୟ
ଆମ ଗୌରବ ଶିକ୍ଷକ

ବାପା, ମା’ ଜନ୍ମଦାତା ପରେ
ସମାଜରେ ତାଙ୍କ ସମ୍ମାନ ଥାଏ
ବିଦ୍ୟାରୁପି ମହାଶକ୍ତି ପ୍ରଦାନରେ
ମାନବ ଜାତିକୁ କରେ ପ୍ରଜ୍ୱଳିତ
ଶିକ୍ଷକ ଆମ ଶିକ୍ଷକ

ଶିକ୍ଷାର ଆଲୋକ ବର୍ତିକା ଜଳାଇ
ଅନ୍ଧକାରୁ ଦିଏ ଦୁରେଇ
ଜ୍ଞାନରୂପୀ ଚକ୍ଷୁ ପ୍ରଦାନ କରି
ବିଦ୍ୟାଅଟେ ମହାଧନ ସ୍ୱରୂପ
ଶିକ୍ଷକ ଆମ ଶିକ୍ଷକ

ଆମ ଶିକ୍ଷକ ସମାଜର ଦର୍ପଣ
ଶିକ୍ଷାପ୍ରଦାନରେ ଗଢ଼ିଥାଏ ତୋଳି
ଡାକ୍ତର, ଅଧ୍ୟାପକ, ଇଞ୍ଜିନିୟର
ପୁଣି କରିଥାନ୍ତି ଶିକ୍ଷକ
ଭଲ ଶ୍ରମିକ ଅବା ହେଉ ଦକ୍ଷ କୃଷକ
ସମସ୍ତେ ବନନ୍ତି ଆମ ଶିକ୍ଷକଙ୍କ ଶିକ୍ଷା ପ୍ରାପ୍ତକ

ଶିକ୍ଷକ ଅମର ଅଟନ୍ତି ଏକ ପିତା ସ୍ୱରୂପ
ଖଡ଼ିଧରି ସେ ଅକ୍ଷର ଶିଖାନ୍ତି
ଅବା ଗବେଷଣାରେ ପଥ ପ୍ରଦର୍ଶକ
ଶିକ୍ଷକ ଆମ ଶିକ୍ଷକ

ଗୁରୁବ୍ରହ୍ମା ଗୁରୁବିଷ୍ଣୁ
ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ୍ ପରମବ୍ରହ୍ମ
ତସ୍ମୈ ଶ୍ରୀ ଗୁରୁବେ ନମଃ
ଆମ ଗୌରବ ଶିକ୍ଷକ
ଆମ ପୂଜ୍ୟ ଶିକ୍ଷକ

# ଗଣମାଧ୍ୟମ

ଗଣମାଧ୍ୟମ ଆମ ଗଣମାଧ୍ୟମ
ସଭିଙ୍କ ପ୍ରିୟ ଆମ ଗଣମାଧ୍ୟମ
ଶେଯରୁ ଉଠି ଆଖି ପକାଏ
ଦେଶ ବିଦେଶର ଖବର ପାଏ
ଗାଁ ଠୁ ସହର ବିଛାଡ଼ିଥାଏ
ଆଉକିଏ ସେ ଆମ ଗଣମାଧ୍ୟମ ଗଣମାଧ୍ୟମ

ବିଭିନ୍ନ ଭାଷାରେ ପ୍ରକାଶ ପାଏ
ଶିକ୍ଷା, ସଂସ୍କୃତି, ପର୍ଯ୍ୟଟନ ଓ ପରମ୍ପରା ଗାଥା ଗାଏ
ସଭିଙ୍କ ମନକୁ ଆଦରି ନିଏ
ଜନମାନସରେ ଆଶା ସଞ୍ଚାର କରିଥାଏ
ସେ ଆମ ପ୍ରିୟ ଗଣମାଧ୍ୟମ ହିଁ ଥାଏ

ଗଣମାଧ୍ୟମ ପ୍ରକାର ଭେଦ
ତାକୁ ବା କିଏ ତୁଳନା ଦେବ
ପ୍ରିଣ୍ଟମିଡ଼ିଆ, ଇଲୋକଟ୍ରୋନିକ ମିଡ଼ିଆ
ତଥା ଆଧୁନିକ ସୋସିଆଲ ମିଡ଼ିଆ ସିଏ
ସେ ସଭିଙ୍କ ମନକୁ କିଣି ନିଏ

ଗଣମାଧ୍ୟମ ପ୍ରିଣ୍ଟ ମିଡ଼ିଆ
ସଭିଙ୍କର ମନ ଜିତିଥାଏ
ଛୁଆଠୁ ବୁଢ଼ା ପଢ଼ିଥାଏ
ନିଜର ଭାଷାକୁ ଆଦରି ନିଏ
ସେ ଗଣମାଧ୍ୟମ ଅବା ଆଉ କିଏ

ଗଣମାଧ୍ୟମ ଇଲୋକ୍ଟ୍ରନିକ ମିଡ଼ିଆ
ପ୍ରଚାର ପ୍ରସାର ଅଗ୍ରରେ ଥାଏ
ରେଡ଼ିଓ, ଟିଭି ଭଳିକି ଭଳି
ଟିକି ନିକି ଖବର ଦିଏ
ସଭିଙ୍କ ମନକୁ ଚୋରାଇ ନିଏ
ସେ ଇଲୋଟ୍ରୋନିକ୍ସ ମିଡ଼ିଆ ଆଉ କିଏ

ଗଣମାଧ୍ୟମ ସୋସିଆଲ ମିଡ଼ିଆ
ଆଧୁନିକ ମାନବ ସମାଜରେ
ପକେଟ୍ ମାଧ୍ୟମରେ ମୋବାଇଲ ରୂପେ
ସଭିଙ୍କୁ ଆଦରିନିଏ
ସେଥିରେ ଆଏ ଫେସବୁକ୍, ଟ୍ୟୁଟର, ଇ-ମେଲ
ହ୍ୱାଟ୍ସଅପ ଅବା ସର୍ବୋପରି ୱେବସାଇଟ୍ ଟିଏ
ଦୁନିଆକୁ ସିଏ ଏକ କରି ରଖେ

ଗଣମାଧ୍ୟମରେ ପ୍ରମୁଖସ୍ଥାନେ ପ୍ରତିଷ୍ଠାତା ସମ୍ପାଦକ ଅଟନ୍ତି
ସମଗ୍ର ଅଞ୍ଚଳେ ସାମ୍ବାଦିକ ନିଯୁକ୍ତି କରି
ଜନମାନସରେ ଖବର ଆଦାନ ପ୍ରଦାନ କରିଥାନ୍ତି
ଖରା, ବରଷା, ଶୀତ, କାକର
ସାମ୍ବାଦିକ ବାବୁଙ୍କ ଜୀବନ ଦୀପ
ଜନମାନସରେ ଉତ୍ସର୍ଗୀ ଥାଏ
ସେ ଅବା ଆଉ କିଏ ଆମ ଗଣମାଧ୍ୟମ ଆମ ଗଣମାଧ୍ୟମ

# ଶିକ୍ଷା

ଶିକ୍ଷା ତ ଶିକ୍ଷା ସଭିଙ୍କ ଶିକ୍ଷା
ମାନବ ସମାଜେ ଆଦରି ଥାଏ
ପ୍ରାଥମିକ ଠାରୁ ପୋଷ୍ଟଡ଼କ୍ଟରାଲ
ସଭିଙ୍କୁ ସମାଜରେ ପ୍ରତିଷ୍ଠା କରିଥାଏ

ଶିଶୁଟି ମାତୃଗର୍ଭରୁ ମାତୃଭାଷା
ଶିକ୍ଷା ଗ୍ରହଣ କରେ
ପ୍ରାଥମିକ ଶିକ୍ଷା ଅବା ଉଚ୍ଚ ପ୍ରାଥମିକ ଶିକ୍ଷା
ବିଦ୍ୟାଳୟସ୍ତରେ ଆଦରି ଥାଏ
ସାର୍ବଜନୀନ ଶିକ୍ଷାନୀତିରେ
ପ୍ରଥମରୁ ଅଷ୍ଟମ ଯାଏ
ସରକାର ଫି ମୁକ୍ତ ଶିକ୍ଷାପ୍ରଦାନ କରିଥାଏ

ମାଧ୍ୟମିକ ଶିକ୍ଷା ହାଇସ୍କୁଲରେ ଥାଏ
ସେଥିରେ ଥାଏ ରାଜ୍ୟ ଓ କେନ୍ଦ୍ର ଶିକ୍ଷାବୋର୍ଡ଼
ମାଧ୍ୟମିକ ପରେ ଉଚ୍ଚମାଧ୍ୟମିକ ଶିକ୍ଷା
ଏ ପର୍ଯ୍ୟାୟରେ ଆର୍ଟସ (କଳା)
ସାଇନ୍ସ (ବିଜ୍ଞାନ) ଓ କମର୍ସ (ବାଣିଜ୍ୟ) ଶିକ୍ଷାଥାଏ
ଉଚ୍ଚମାଧ୍ୟମିକ ଶିକ୍ଷା ଅଟଇ
ମାନବ ଜୀବନ କର୍ମ ଆଧାରରେ ପାହାଚ ତହିଁ

ତତ୍ପରେ ଉଚ୍ଚ ଶିକ୍ଷା ଆସଇ ଧାଇଁ
କଲେଜ ଓ ୟୁନିଭରସିଟ୍‌କୁ ଶିକ୍ଷାର୍ଥୀ ଯାଏ ଧାଇଁ
ସ୍ନାତକ (ଗ୍ରାଜୁଏଟ୍) ଶିକ୍ଷା ଅତି ମଧୁର
କର୍ମ ପ୍ରେରଣାରେ ସେ ଆଗଭର
ହୁଏ ଡାକ୍ତର ଅବା ଇଞ୍ଜିନିୟର
ସ୍ନାତକ ଶିକ୍ଷା ଅଟଇ ମୂଳ ପାହାଚ
ସ୍ନାତକୋତ୍ତର (ପିଜି) ଶିକ୍ଷା ଅଟଇ ଗୁରୁତ୍ୱ ଶିକ୍ଷା
ବିଶେଷଜ୍ଞ କରି ଗଢ଼ି ତୋଳିଥାଏ ସେ
ଅବା ଡାକ୍ତର ଅବା ବୈଜ୍ଞାନିକ
ପୁଣି ଅବା କେବେ ଶିକ୍ଷକ

ଡକ୍ଟରାଲ ଶିକ୍ଷା ସର୍ବୋଚ୍ଚ ଶିକ୍ଷା
ମାନବ ଜାତିର ଆଲୋକ ଶିଖା
ପରିଚିତ ସେ ଅଟେ ଗବେଷଣା ରୂପେ
ଡକ୍ଟରାଲ (ପି.ଏଚ.ଡ଼ି) ଭାବେ
ଅନ୍ୟଟି ଶିକ୍ଷାଦିଏ ପୋଷ୍ଟ-ଡ଼କ୍ଟରାଲ
ସର୍ବୋଚ୍ଚ ଶିକ୍ଷା ବିଶ୍ୱବିଦ୍ୟାଳୟେ

ଶିକ୍ଷା ଅଟଇ ମହାଧନ
ସଭିଁଏ କର ଉପାର୍ଜନ
ଧନ ବି ଚାଲିଯାଏ ଚୋରୀ ହୋଇ
ଶିକ୍ଷା (ବିଦ୍ୟା) ରହିଥାଏ କାଳକାଳକୁ ଯାଇ
ସଭିଙ୍କର ତ ମହତ୍ୱପୂର୍ଣ୍ଣ
ଶିକ୍ଷା ଆମର ଅଟେ ମହାଧନ

# ବିବାହ

ବିବାହ ଏକ ସାମାଜିକ ବନ୍ଧନ
ପ୍ରୀତିଭରା ସ୍ପନ୍ଦନ
ଦୁଇଟି ମନ ଓ ଶରୀରର ମିଳନ
ପୁଲକିତ ଭରା ଚୁମ୍ବନ

ବରକନ୍ୟାର ମିଳନ ପରିବାରରେ ବନ୍ଧନ
ଯୌବନରେ ଆଣେ ଶିହରଣ
ଅଚିହ୍ନା ଆତ୍ମା ଓ ଅଚିହ୍ନା ମନର ମିଳନ
ନିକଟ ଅବା ଦୂରଦୂରାନ୍ତରେ ବନିଥାଏ ମିଳନ

ବାପା ମା'ଙ୍କ ଅଲିଅଳି କନ୍ୟା
ପିତ୍ରାଳୟ ଛାଡ଼ି ଶ୍ୱଶୁରାଳୟ ଗମନ
ନୂଆ ପରିବେଶ ପରିବାରରେ
ସଦସ୍ୟ ଭରା ବନ୍ଧନ
ସେ ତ ଆମ ବିବାହ ବନ୍ଧନ

ପୂର୍ବକାଳେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତ
ସମାଜରେ ଏକ ଅନ୍ଧବିଶ୍ୱାସର ଗୁଞ୍ଜରଣ
ବିବାହରେ ଶାରିରୀକ ଓ ମାନସିକ ମିଳନ
ବୟସର ତାରତମ୍ୟ ସଞ୍ଜମ
ସେ ତ ଆମ ବିଶ୍ୱାସର ବନ୍ଧନ

ଆଧୁନିକ ବିବାହ ବନିଛି ପ୍ରହସନ
ପ୍ରେମ ବିବାହରେ ମିଳନ
ବାପା ମାଙ୍କ ହୃଦୟେ କୁଠାରଘାତକରି
ପ୍ରେମିକା ବରଣିଥାନ୍ତି ପ୍ରେମିକକୁ
ଅବା ପ୍ରେମିକ ବରଣଥାନ୍ତି ପ୍ରେମିକାକୁ

ବିବାହର ନାହିଁ ଜାତି ଗୋତ୍ର
ପୁଣି ପାରମ୍ପରିକ ପରିଧାନ
ଡି.ଜେ ସାଙ୍ଗକୁ ଭାଙ୍ଗଡ଼ାନୃତ୍ୟ
ଆଜିର ବିବାହରେ
ବନିଅଛି ମୁଖ୍ୟ ଆକର୍ଷଣ

ବିବାହରେ ପୁଣି ଅବା ଆସିଥାଏ ନିର୍ଯ୍ୟାତନା
କେଉଁଠି ନବ ବଧୁକୁ ଶାଶୂ ନଣନ୍ଦର ଯନ୍ତ୍ରଣା
ତ ପୁଣି କେଉଁଠି ପତିପତ୍ନୀର ବିଚ୍ଛେଦଭରା
କରୁଣ ଦୁଃଖଯାତନାର ଯନ୍ତ୍ରଣା
ଏ'ତ ମାନବ ଜୀବନରେ ବିବାହର ବନ୍ଧନ

# ସଟ ଡାଉନ୍

ବିଶ୍ୱରେ କରୋନାର ବିଭୀଷିକା ରୂପ
ସମଗ୍ର ମାନବ ସମାଜ ଉପରେ
କାଳର କପୋତ ଭଳି ମାଡ଼ିଆସୁଅଛି
କରୋନା କରୋନା କରୋନା

ସାରା ବିଶ୍ୱରେ କାୟା ବିସ୍ତାର କରିଛି
ମାନବ ମୃତ୍ୟୁର ବିଭୀଷିକା
ଆଉ ଯନ୍ତ୍ରଣା ଯନ୍ତ୍ରଣା ଯନ୍ତ୍ରଣା
ସମଗ୍ର ମାନବ ସତାର ଯନ୍ତ୍ରଣା

ଆମ ରାଷ୍ଟ୍ର ଭାରତ ବର୍ଷେ
ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ ଡାକରାରେ
ଚାଳିଶି ଦିନ ଧରି ଲକ୍‌ଡ଼ାଉନ
ସମଗ୍ର ଭାରତବର୍ଷ ନିଷିଦ୍ଧ

ଆମ ରାଜ୍ୟ ଓଡ଼ିଶା ବା ବାଦ୍ ପଡ଼ନ୍ତା କିପରି
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ
ଆହ୍ୱାନରେ ପରିଧିରେ ସଟ୍ ଡ଼ାଉନ
ଭୁବନେଶ୍ୱର, ଭଦ୍ରକ, କଟକ ସହର
ଭଳି ଅନେକ ସହରରେ ସଟ୍ ଡ଼ାଉନ୍

ସଟ୍ ଡ଼ାଉନ୍ ଏକ ହୃଦକମ୍ପନ ପରମ୍ପରା
ମାତ୍ର ମାନବ ସମାଜର ଜୀବନ ବର୍ତିକା
କରୋନା ପୀଡ଼ିତଙ୍କୁ ନିଜ ପରିବାରଠୁ
ସର୍ବୋପରି ଅଞ୍ଚଳରୁ ଦୂରେଇଯିବାର
ସୁଗମ ପଥ ସଟ୍ ଡ଼ାଉନ୍

ସଟ୍ ଡ଼ାଉନରେ ପ୍ରଶାସନର କଡ଼ା ନଜର
ସାହି ସାହି ପୋଲିସ ବାବୁଙ୍କ ପ୍ରହାର
ସଂଯତ ଜୀବନ ମଧୁର ମୂଲ୍ୟ ଜୀବନ
ଆମେ ମିଳିମିଶି ହରାଇବାକୁ ହେବ
ଏ ମହାମାରୀ କରୋନାକୁ ବିଶ୍ୱକବଳରୁ
ସାଜି ସଟ୍ ଡ଼ାଉନ୍‌ରେ ପଥର ପଥିକ

ସଟ୍ ଡ଼ାଉନ୍ ଦୁଃଖ ଲାଗେ କଷ୍ଟ ଲାଗେ
କିଛି କ୍ଷଣ ପାଇଁ
କିନ୍ତୁ ପରାଜିତ କରେ ଜନଜୀବନ ରକ୍ଷାରେ
ଏକ ଭଗବାନଙ୍କର ଦୂତ ହୋଇ

ମୁଁ ଚାହେଁନା ମରିବାକୁ ଅବା ମୋ ପରିବାର
ମୋ ସ୍ତ୍ରୀ ପିଲାମାନଙ୍କୁ
କଷ୍ଟଲାଗୁ କିଛିକ୍ଷଣ ଆମ୍ଭକୁ
ପ୍ରତିହତ କରିବା କରୋନାକୁ
ସଟ୍ ଡ଼ାଉନ୍‌କୁ ସାଥିରେ ଧରି ସାଥିରେ ଧରି

# ମୋବାଇଲ

ମୋବାଇଲ ଆମ ମୋବାଇଲ
ସଭିଁଙ୍କର ପ୍ରିୟ ମୋବାଇଲ
ଶିଶୁ ଅବା ବୃଦ୍ଧ ସମସ୍ତଙ୍କ ପ୍ରିୟ
ସେ ନୁହେଁ ଆଉ କେହି
ସେ ଅଟଇ ଆମ ମୋବାଇଲ

ଦୂରଦୂରାନ୍ତରୁ କଥା ହେବା
ପରିଜନଙ୍କୁ ଦେଖିପାରିବା
ସଭିଙ୍କ ମନକୁ ମୋହିନବା ଭଳି
ଯନ୍ତ୍ରଟିଏ, ଅଟେ ମୋବାଇଲ

ଗୋଟିଏ ସିମ୍ ମୋବାଇଲ ସେଟ୍
ପ୍ରବେଶ କରିଲେ ସକ୍ରିୟ ହୁଏ
ବିଏସଏନଏଲ, ଏୟାରଟେଲ୍
ଭୋଡ଼ା ଅବା ଜିଓ ସିମ୍ ତୁହି
ଆମ ମୋବାଇଲର ପ୍ରିୟ ତୁହି

ମୋବାଇଲର ଗୁଣଗାନ ଗ୍ରାହୀ
ଉପକାର ବା ଅପକାର ଥାଇ
ସଭିଙ୍କ ମନକୁ ନିଏ ଭୁଲାଇ
କିଏ ଅବା ଦେଖେ ଫେସବୁକ୍
କିଏ ଦେଖିଲାଣି ହ୍ୱାଟ୍ସଅପ୍

ଆଉ ପୁଣି କିଏ ଟ୍ୱିଟର
ଅବା ପୁଣି କିଏ ୱେବସାଇଟ୍
ପୁଣି  ଇମେଲ ସବୁଥିର ସାଥୀ
ଅଟଇ ଆମର ଏ ଯନ୍ତ୍ର ମୋବାଇଲ

ଦୂରଦୂରାନ୍ତରୁ ଛବିଦେଖେ
ଭିଡ଼ିଓ କଲିଙ୍ଗ୍ ମଧ୍ୟେ ରଖେ
ସମଗ୍ର ବିଶ୍ୱର ଏକ କରି
ମାନବ ଜାତିକୁ ଯୋଡ଼ିରଖେ
ସେ ଆଉ ବା କିଏ
ଆମ ମୋବାଇଲ ଆଉ କିଏ

ଯୁବଗୋଷ୍ଠୀ ଉତ୍ଫୁଲ୍ଲିତ
ହାତେ ଧରି ମୋବାଇଲଟି
ଚ୍ୟାଟିଂ କରନ୍ତି ସାଙ୍ଗସାଥି ମେଳେ
ଅବା ପୁଣି ପରିଜନେ
ଦୂରକୁ ନିକଟ ନିକଟକୁ ଦୂର କରିଥାଏ
ସେ ଅବା ଆଉ କିଏ
ଆମ ସଭିଙ୍କର ପ୍ରିୟ ମୋବାଇଲ ଟିଏ

ବିଭିନ୍ନ କମ୍ପାନୀ ସାଥିଥାଏ
ନୋକିଆ, ସାମସଙ୍ଗ, ଭିଭୋ ଯାଏ
ଆଣ୍ଡ୍ରଏଡ୍ ଫୋନ୍ ଅବାପୁଣି
ଆଇ ଫୋନଟି ହାତେ ଧରି
ସମାଜକୁ କରାୟତ କରେ
ସେ ଅବା ଅଟେ ଆଉ କିଏ
ଆମ ସଭିଙ୍କର ପ୍ରିୟ ମୋବାଇଲ ଟିଏ

# ରାଜପଥ

ରାଜପଥ ଆମ ରାଜପଥ
ସଭିଙ୍କ ପ୍ରିୟ ରାଜପଥ
ଦୂରଦୂରାନ୍ତକୁ ସଂକୀର୍ଣ୍ଣ କରାଏ
ସେ ଆମ ପ୍ରିୟ ରାଜପଥ

ରାଜପଥ ଅଟେ ରାଜରାସ୍ତା
ବନଇ ସେତ ଦୁଇ ଭ୍ରାତା
ରାଜ୍ୟ ରଜପଥ ବା ଜାତୀୟ ରାଜପଥ
ଗମନା ଗମନର ମୁଖ୍ୟ ପଥ
ସେ ତ ଆମ ସଭିଙ୍କ ରାଜପଥ

କାଶ୍ମୀର ଠାରୁ କନ୍ୟାକୁମାରୀ
ଚତୁର୍ଭୁଜ ପଥେ ରାଜପଥ
ରାଜ୍ୟଠୁ ଜାତୀୟ
ଜିଲ୍ଲାଠୁ ରାଜ୍ୟ
ସଂଯୋଗକାରୀ ସେ ରାଜପଥ

ଦୂରଦୂରାନ୍ତକୁ ପାଖ କରି
ବାଇପାସ୍ ନାମ ଧରି
ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନ
ଅବା ଆନ୍ତଜିଲ୍ଲା ଅବା ଆନ୍ତରାଜ୍ୟ
ଗତି କରିଥାଏ ରାଜପଥ ନାମ ଧରି

ସଡ଼କ ପରିବହନ ମନ୍ତ୍ରଣାଳୟ
ନାମ ଧରି ଭାରତ ସରକାରରେ ଜାରି
ଅବା ସେ ପୂର୍ତ୍ତବିଭାଗରେ
କାୟାବିସ୍ତାରୀ କରିଥାଏ ରାଜ୍ୟ ସରକାରରେ
ସେ ଅଟେ ପୁଣି ଆମ ରାଜପଥ ରାଜପଥ

ରାଜପଥ ପୁଣି ରାଜପଥ
ଦୁଇ ଲେନ୍, ଚାରି ଲେନ୍ ଅବା ଛଅ ଲେନ୍
ରୂପେ ସେ ଶୋଭିତ
ପରୋକ୍ଷ ଭାବରେ ଜନସେବକ ସେ
ଅନ୍ୟରୂପେ ରାଷ୍ଟ୍ର ବିକଶିତ
ସେ ପୁଣି ଅଟେ ଆମ ରାଜପଥ

ରକ୍ଷଣବେକ୍ଷଣ ପାଇଁ ତାର
ଟୋଲ ଗେଟ୍ ଥାଏ ତାର
ରାଷ୍ଟ୍ରର ବିକାଶରେ ଶିକ୍ଷର ପ୍ରଗତିରେ
ବ୍ୟବସାୟ ପ୍ରତିଷ୍ଠାନରେ
ଅଗ୍ରଣୀ ଭୂମିକା ଦେଇଥାଏ ସେହି
ଆମ ପ୍ରିୟ ରାଜପଥ ସେହି
ତା ପରି ହେବ ଆଉ କେହି

# ଅଧିକାରୀ

ଅଧିକାରୀ ଆମ ଅଧିକାରୀ
ଜନତାଙ୍କ ପ୍ରିୟ ଅଧିକାରୀ
ସରକାରୀ ଅବା ବେସରକାରୀ ହେଉ
ମାନବ ଜାତିର ସେବାକାରୀ
ସେ ଆମ ସମସ୍ତଙ୍କ ଅଧିକାରୀ

ସମାଜରେ ସବୁକ୍ଷେତ୍ର ଧରି
ସଦା ଆଦୃତ ସେ ଅଧିକାରୀ
ଜନମଙ୍ଗଳ ପାଇଁ ସିଏ
ନିଜ ଜୀବନକୁ ଉତ୍ସର୍ଗ କରିଥାଏ

ଶିକ୍ଷା, ସ୍ୱାସ୍ଥ୍ୟ ଅବା ପ୍ରଶାସନ
ସଭିଙ୍କର ଲଭେ ସେ ସମ୍ମାନ
ରାଷ୍ଟ୍ରର ମଙ୍ଗଳେ ଜନର ହିତରେ
ଆଗଭର ଥାଏ ସଦାଭରି
ସେ ଆମ ଅଧିକାରୀ

ଭାରତୀୟ ପ୍ରଶାସନ ସେବା ଅବା
ଭାରତୀୟ ବିଦେଶ ସେବା ହେବା
ଅବା ଭାରତୀୟ ପୋଲିସ୍ ସେବା
ସର୍ବ ବିଭାଗରେ ଅଧିକାରୀ
ରାଷ୍ଟ୍ର ନିର୍ମାଣରେ ସେବାକାରୀ
ସଭିଙ୍କ ପ୍ରିୟ ଅଧିକାରୀ

କେନ୍ଦ୍ରର କ୍ୟାବିନେଟ୍ ସଚିବ ଅବା
ରାଜ୍ୟର ମୁଖ୍ୟ ସଚିବ ବନିବା
ଅବା ପୁଣି ଜିଲ୍ଲାର ଜିଲାଧୀଶ (ଜିଲ୍ଲାପାଳ)
ତହସିଲଦାର ଅବା ବି.ଡ଼ି.ଓ
ସେମାନେ ଅଟନ୍ତି ପ୍ରଶାସକ
ଜନତାର ସେବକ
ସେ ପୁଣି ଅଧିକାରୀ ନାମଧାରୀ

ବଡ଼ବଡ଼ କମ୍ପାନୀର ସେକ୍ରେଟାରୀ
ଅବା ପ୍ରଫେସନାଲ ଅଧିକାରୀ
ଅଧ୍ୟାପକ, ଡାକ୍ତର, ଇଂଜିନିୟର
ଆଡ଼ଭୋକେଟ୍ ସଭିଏଁ ଅଟନ୍ତି
ନିଜ ନିଜ କ୍ଷେତ୍ରେ ଅଧିକାରୀ
ଜନମାନସର ସେବାକରୀ

ରାଷ୍ଟ୍ରର ଉନ୍ନତି ନିଜ ଜୀବନକୁ
କରିଦେଇ ସମର୍ପଣ ଭାବ
ଜନତାଙ୍କର ସେବକ ଅବା ପୃଷ୍ଠପୋଷକ
ସଭିଙ୍କର ପ୍ରିୟ ସଭିଙ୍କ ସମ୍ମାନ
ସେ ଅବା ଆମ ଅଧିକାରୀ
ସମସ୍ତଙ୍କ ପ୍ରିୟ ଆମ ଅଧିକାରୀ

# ରାଜନେତା

ରାଜନେତା ଆମ ରାଜନେତା
ସଭିଙ୍କ ପ୍ରିୟ ରାଜନେତା
ଓ୍ୱାର୍ଡ଼ ମେମ୍ବରଙ୍କ ଠାରୁ ମହାମହିମ ରାଷ୍ଟ୍ରପତି ଯାଏ
ଗୋଟିଏ ଡୋରିରେ ବନ୍ଧା
ଆମ ରାଜନେତା ଆମ ରାଜନେତା

ଜନତା ଜନାର୍ଦ୍ଦନ ପ୍ରତିନିଧି
ଗଣତନ୍ତ୍ର ଭାରତରେ
ଲୋକଙ୍କର ରାଜା ସୁଖଦୁଃଖ ସାଥି
ଆମ ପ୍ରିୟ ରାଜନେତା

ଭାରତ ବର୍ଷେ ପ୍ରତି ରାଜ୍ୟ ପ୍ରଦେଶ
ଅବା ସ୍ଥାନୀୟ ପ୍ରଶାସନେ
ଗ୍ରାମାଞ୍ଚଳେ ଅବା ସହରାଞ୍ଚଳେ
ସଭିଙ୍କର ଏହି ରାଜନେତା
ଜନମାନସରେ ସେବକର କର୍ତ୍ତା

ଗ୍ରାମ ପଞ୍ଚାୟତ ୱାର୍ଡ଼ ସଭ୍ୟ
ତା ଠୁ ବଡ଼ ଯେ ସରପଞ୍ଚ
ବ୍ଲକରେ ପୁଣି ଚେୟାରମ୍ୟାନ୍
ସମିତି ସଭ୍ୟଙ୍କୁ ନେଇକିତ
ପ୍ରତିଜିଲ୍ଲା ଥାଏ ଜିଲ୍ଲା ପରିଷଦ
ମୁଖିଆ ଅଟନ୍ତି ସଭାପତି
ତ୍ରିସ୍ତରୀୟ ପଞ୍ଚାୟତରାଜ ଶାସନେ

ସେ ଆମ ପ୍ରିୟ ରାଜନେତା
ସହରାଞ୍ଚଳ ଶାସନରେ
ଏନ.ଏ.ସି ଅବା ମ୍ୟୁନିସପାଲଟିରେ

ଜନତା ସେବକ ରାଜନେତା
ଅବା ସେ ଚେୟାରମ୍ୟାନ ବା କାଉନସିଲ୍ର
ବଡ଼ ସହର ମହାନଗରୀରେ
କର୍ପୋରେଟର ସାଥେ ମେୟର
ହେଉଛନ୍ତି ଜନତା ସେବକ

ରାଜ୍ୟ ଶାସନର କେନ୍ଦ୍ରବିନ୍ଦୁ
ବିଧାନମଣ୍ଡଳ ଥାଏ ସବୁ
ମହାମହିମ ରାଜ୍ୟପାଳ
ସାଥିରେ ଥାଆନ୍ତି ମନ୍ତ୍ରିମଣ୍ଡଳ
ମୁଖ୍ୟମନ୍ତ୍ରୀ ପୁଣି ବିଧାୟକ
ଜନମାନସର ସେବକ

ରାଷ୍ଟ୍ରିୟ ସ୍ତରରେ ମହାମହିମ ରାଷ୍ଟ୍ରପତି
ସାଙ୍ଗରେ ଥାଆନ୍ତି ପାର୍ଲିଆମେଣ୍ଟ୍
ଅବାସେ ସାଂସଦ ରାଜ୍ୟସଭା ଅବା ଲୋକସଭା
ମନ୍ତ୍ରୀମଣ୍ଡଳ ସରକାରେ
ପ୍ରଧାନମନ୍ତ୍ରୀଙ୍କ ନାମେ ଚାଲେ
ରାଷ୍ଟ୍ରର ବିକାଶ ରାଷ୍ଟ୍ରର ସାରଥି
ଆମ .ପ୍ରିୟ ସେହି ରାଜନେତା

# ଗଣପତି

ଗଣପତି ବାବା ଗଣପତି
ବିଘ୍ନବିନାୟକ ରୂପୀ
ଆଦ୍ୟଦେବ ସେ ନାୟକ
ସକଳ ପୂଜାର ସେ ବାହାକ

ମାନବ ସମାଜେ
ଶିକ୍ଷାର ବାହକେ
ସେ ଅବା ସବୁ ପଥିକ
ଆଦ୍ୟ ପୂଜାର ସେ ବାହାକ

ବିଦ୍ୟାର ଦେବତା
ଜ୍ଞାନର ପ୍ରତିମା
ଶିକ୍ଷାର୍ଥୀ ପୂଜନ୍ତି
ଜ୍ଞାନ ସେ ଲଭନ୍ତି
ସେ ତ ସକଳ ଶକ୍ତିର ଆଧାର

ପ୍ରାଥମିକ ଶିକ୍ଷାଠାରୁ
ବିଶ୍ୱବିଦ୍ୟାଳୟ ଶିକ୍ଷା
ସବୁ ଶିକ୍ଷାର୍ଥୀଙ୍କ ମାର୍ଗଦର୍ଶକ
ତୁମେ ସିଦ୍ଧିବିନାୟକ ନାୟକ

ଜ୍ଞାନଦାତା ସେ ତ
ମାନବ ସମାଜେ
ମାନବକୁ କରେ ପ୍ରତିଷ୍ଠା
ବିଭିନ୍ନ ପଦରେ ପ୍ରତିଷ୍ଠା ଦେଇସେ
ଜ୍ଞାନରୂପେ ଅଧିଷ୍ଠାତା

ବିଶ୍ୱଜଗତେ
ମାନବ ସମାଜେ
ସବୁ ଶୁଭକାର୍ଯ୍ୟେ
ତୁମେ ଆଗ
ଆହେ ବିଘ୍ନାୟକ
ମାନବ ପାଳକ
ସକଳ ପୂଜାର ତୁମେ ବାହକ

ବିବାହ କାର୍ଯ୍ୟରେ
ଘରି ପ୍ରତିଷ୍ଠାରେ
ଅବା ସେ ସବୁରି ଶୁଭକାର୍ଯ୍ୟ
ତୁମର ନାମକୁ ଆଦ୍ୟସ୍ମରୟି
ମାନବର ଘଟେ ସବୁ ମଙ୍ଗଳ
ସକଳ ପୂଜାର ତୁମେ ବାହକ
ଗଣପତି ବାବା ଗଣପତି ବାବା
ଆଦ୍ୟ ପୂଜାର ତୁମେ ନାୟକ
ଆଦ୍ୟ ପୂଜାର ତୁମେ ନାୟକ

# କରୋନା ଯୋଦ୍ଧା

କରୋନାରେ କରୋନା
ଏକ ମାରାତ୍ମକ ମାନବ ବୋମା
କରାୟତ କରିନେଲୁ
ସମଗ୍ର ବିଶ୍ୱମାନବକୁ
ଚିତ୍କାର କରଇ ମାନବ ସମାଜ
ଜୀବନର ମୂଲ୍ୟବୋଧଟିକୁ

ସମଗ୍ରବିଶ୍ୱେ ଦୁଇଶହ ଦଶଟି ରାଷ୍ଟ୍ର
କାୟାବିସ୍ତାର କରି
ମାନବ ସମାଜକୁ ଦୋହୋଲାଇ ଦେଲୁ
ବିଶ୍ୱର ବିଭୁକ୍ଷେ ଆତ୍ମଚିତ୍କାରରେ

ସେଥିରୁ ବା ବାଦ୍ ପଡ଼ନ୍ତା ମୋ ରାଷ୍ଟ୍ର
ଭାରତ ବର୍ଷ
ଅବା ମୋ ଓଡ଼ିଶା ପ୍ରଦେଶ
ପ୍ରଧାନମନ୍ତ୍ରୀଙ୍କ ଡାକରାରେ
ସମଗ୍ରଦେଶେ ଲକ୍‌ଡ଼ାଉନ
ଅବା ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ
କିଛି ସହରରେ ବନେ ସଟ୍ ଡ଼ାଉନ

ଡାକ୍ତର ବାବୁରେ ଡାକ୍ତର ବାବୁ
ଈଶ୍ୱର ରୂପେ ଜନମି ତୁହି
ମାନବ ସେବାରେ ଜୀବନ ଦେଇ
ନିଜ ଜୀବନକୁ ବାଜି ଲଗାଇ
କରୋନା ରୋଗୀଙ୍କୁ ଦେଲୁ ବଞ୍ଚାଇ
କରୋନା ଯୁଦ୍ଧରେ ସାରଥି ହୋଇ

ଡାକ୍ତର ସାଙ୍ଗରେ ନର୍ସ ଦିଦି
ଜନ ସେବାରୁ ସେ ମନ ଲିଭାଇ
କରୋନା ରୋଗକୁ ଦେଲ ହରାଇ
ସଜାଗ ହୋଇ
ମା, ମାଟି ଋଣ ଦେଲ ସୁଝାଇ

ଏଏନଏମ ଦିଦି ସହିତ ଆଶା ୱାର୍କର ଦିଦି
ତାଙ୍କ ସହିତ ମିଶି ଅଙ୍ଗନବାଡ଼ି ଦିଦି
ସ୍ୱାସ୍ଥ୍ୟ ସେବା ସହ ଶିଶୁ ସେବାକୁ
ଗୁରୁତ୍ୱ ଦେଇ କରୋନା ରୋଗରୁ ଦିଏ ଦୂରେଇ

ପୋଲିସବାବୁଙ୍କ ସଂଗ୍ରାମରତ
କର୍ତବ୍ୟେ ଥାଆନ୍ତି ସଦା ସର୍ବତ
ଲକ୍‌ଡ଼ାଉନ ଅବା ସଟ୍ ଡ଼ାଉନ
ଲୋକଙ୍କ ସେବାରେ ସଦା ସର୍ବତ୍ର
ସଲାମ ତୁମକୁ କରୋନା ଯୋଦ୍ଧା
ସଲାମ ତୁମକୁ କରୋନା ଯୋଦ୍ଧା

# ଶାସ୍ତ୍ରୀୟ ଭାଷା

ମୁଁ ଗର୍ବିତ  ମୁଁ ଗର୍ବିତ
ମୋ ଭାଷା ପାଇଁ ମୁଁ ଗର୍ବିତ
ମା ଠାରୁ ଜନମ ନେଲି
ଏ ମାଟିରେ ମୁଁ  ବଢ଼ିଲି

ମୁଁ ଗର୍ବିତ ମୁଁ ଗର୍ବିତ
ମୋ ମାତୃଭାଷା ମୁଁ ଗର୍ବିତ
ଜନମ ମୋର ଭାରତ ଦେଶେ
ଓଡ଼ିଶା ପ୍ରଦେଶ
ମୋ ମାତୃଭାଷା ଅଟେ ଓଡ଼ିଆ

ମୋ ଭାଷା ଓଡ଼ିଆ
ଲେଖା ପଢ଼ାରେ ସେ ବଢ଼ିଆ
ସରସ ସୁନ୍ଦର ଭାଷା ମୋର
ଅଢ଼େଇ ହଜାର ବର୍ଷର ଇତିହାସ ତା'ର

ପୁରାଣ ପୋଥି ଅବା ତାଳପତ୍ର
ଟାଇପ ଅବା ସେ ଡିଟିପି
ଅକ୍ଷର ସଜାରେ ସେ ବଢ଼ିଆ
ମୋ ମାତୃଭାଷା ଓଡ଼ିଆ

ସଂସ୍କୃତି ମନ୍ତ୍ରଣାଳୟେ
ଭାରତ ସରକାରେ
ବିଜ୍ଞପ୍ତି ଲଭଇ ସେ
ଶାସ୍ତ୍ରୀୟ ଭାଷା ମାନ୍ୟତାରେ
ସେ ମୋର ଗର୍ବର ଭାଷା ଓଡ଼ିଆ
ମୋ ମାତୃଭାଷା ଓଡ଼ିଆ

ମୁଁ ଗର୍ବିତ ମୋ ମାଟିର ପୁଅ
ପଣ୍ଡିତ ଅନ୍ତର୍ଯାମି ମିଶ୍ର
ଓଡ଼ିଆ ଶାସ୍ତ୍ରୀୟ ଭାଷାର ଗବେଷକ
ଲଭନ୍ତି ପ୍ରଥମ ଶାସ୍ତ୍ରୀୟ ଭାଷା
ରାଷ୍ଟ୍ରପତି ପ୍ରାପ୍ତ ପଦକ

ଭାଷା ସାହିତ୍ୟର ବିକାଶରେ
ଅର୍ଥ ଅଭାବ ନାହିଁ ସରକାରରେ
ଗବେଷଣା ଅବା ପୁସ୍ତକ ପ୍ରକାଶନେ
ଅର୍ଥପ୍ରାପ୍ତିରେ ସେ ଆଗୁଆ
ସେ ଅଟେ ମୋର ଶାସ୍ତ୍ରୀୟ ଭାଷା ଓଡ଼ିଆ

# ଆମ ଢେଙ୍କାନାଳ

ଢେଙ୍କାନାଳ ଆମ ଢେଙ୍କାନାଳ
ଆମ ପ୍ରିୟ ଜିଲ୍ଲା ଢେଙ୍କାନାଳ
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ଆମ ପ୍ରିୟ ଢେଙ୍କାନାଳ

କଳା, ସଂସ୍କୃତି, ସାହିତ୍ୟରେ
ଦେଶ ବିଦେଶରେ ନାମ କରେ
ଶିଳ୍ପୀ ଆଦିତ୍ୟ ଗଡ଼ନାୟକ
ଜାତୀୟ କଳା ଗ୍ୟାଲେରୀର ଅଧ୍ୟକ୍ଷ

ଆମ ସଂସ୍କୃତି ଅଟେ ଉଚ୍ଚ
ତାର ପ୍ରତିଛବି ଢେଙ୍କାନାଳ ମହୋତ୍ସବ
କବି ବ୍ରଜନାଥ ବଡ଼ଜେନା
ଅବା ନନ୍ଦିନୀ ଶତପଥୀ
ସାହିତ୍ୟ ପାଇଁ କାଳଜୟୀ
ଢେଙ୍କାନାଳର ଏହି ମାଟି

ବାର ବର୍ଷର ବାଳକ
ବୀର ବାଜିରାଉତ
ଭାରତୀୟ ସ୍ୱାଧୀନତା ସଂଗ୍ରାମର
ସର୍ବ କନିଷ୍ଠ ସହିଦ
ତା' ପାଇଁ ଆମ ଢେଙ୍କାନାଳ ଗର୍ବିତ

ବାବା ଚନ୍ଦ୍ର ଶେଖର
କପିଳାସେ ନାମେ ଜାଗର
ଶିବ ଶକ୍ତି ପୁଣି ଆରାଧ୍ୟ ଦେବତା
ଢେଙ୍କାନାଳ ଗର୍ବ ତାହାର

ବାବା କୌପୀନଧାରୀ
ପୁଣିସେ ଜଟାଧାରୀ
ମହିମା ଧର୍ମ ବିଶ୍ୱ ପୂଜିତ
ଯୋରନ୍ଦା ନାମେ ପ୍ରସିଦ୍ଧ
ଆମେ ଗର୍ବିତ ଜନ୍ମି ଢେଙ୍କାନାଳରେ

ରାଜନୀତିରେ ରାଜନେତା ବନ୍ଦିତ
ତାଙ୍କ ପାଇଁ ଢେଙ୍କାନାଳ ଗର୍ବିତ
ରାଜାସାହେବ୍ ବିଗ୍ରେଡ଼ିୟର କେପି ସିଂହଦେଓ
କେନ୍ଦ୍ରମନ୍ତ୍ରୀ ଭାବେ ସ୍ଥାପିତ
ଅବା ନାରୀ ନେତ୍ରୀ ନନ୍ଦିନୀ ଶତପଥୀ
ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ପୂଜିତ

ଆମେ ପୂଜିତ ଆମେ ଗର୍ବିତ
ଆମେ ପରା ଅଟୁ ପରାଭତ
ବିଶ୍ୱ ଜଗତରେ ନାମ ରହିଥାଇ
ସଦା ସର୍ବଦା ଆମ ପ୍ରିୟ ଢେଙ୍କାନାଳ
ମୁଁ ଗର୍ବିତ ମୋ ଜିଲ୍ଲା ଅଟେ
ଢେଙ୍କାନାଳ...ଢେଙ୍କାନାଳ

# ନନ୍ଦିନୀ ଶତପଥୀ

ନନ୍ଦିନୀ ଶପତଥୀ
ସୁଯୋଗ୍ୟା କନ୍ୟାରତ୍ନା
ପଦ୍ମଭୂଷଣ ସାହିତ୍ୟିକ
ଡକ୍ଟର କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର

ମା’ ମାଟିର ତାର ପାଇଁ ଗର୍ବିତ
ଜଣେ ରାଜନେତ୍ରୀ
ଅବା ସେ ଜଣେ ସାରସ୍ୱତ ସାଧିକା
ଜନମାନସରେ

ରେଭେନ୍ସା କଲେଜର
ଓଡ଼ିଆ ଭାଷା ସାହିତ୍ୟ ଛାତ୍ରୀ
ଇଂରେଜ ପତାକା ୟୁନିଅନ୍ ଜ୍ୟାକ୍‌କୁ ଉତାରି ଦିଏ
ସ୍ୱଦେଶ ପ୍ରୀତିରେ ଜାଗିଉଠେ

ଢେଙ୍କାନାଳର ସଂଗ୍ରାମୀ
କଲେଜ ସାଥୀ ଦେବେନ୍ଦ୍ର ଶତପଥୀ
ବନନ୍ତି ଜୀବନ ସାଥି
ସଂଗ୍ରାମୀ ନନ୍ଦିନୀ ଶତପଥୀଙ୍କର
ନଚିକେତା ଅବା ତଥାଗତ
ଦୁଇ ପୁତ୍ରଙ୍କୁ ନେଇ
ନନ୍ଦିନୀ ଦେବୀଙ୍କ ସଂସାର

କର୍ମମୟ ଜୀବନରେ ଜଣେ ସଫଳ
ସାରସ୍ୱତ ସାଧିକା
ସତେଯେପରି ସେ ସୃଷ୍ଟିଶାଳୀ ଲେଖିକା
ସଫଳ ଅନୁବାଦିକା

କବି ପ୍ରାଣରେ ଗଢ଼ିତୋଳନ୍ତି
"ଉତ୍ତର ପୁରୁଷ" ଭଳି କାବ୍ୟଗ୍ରନ୍ଥ
ଗାଳ୍ପିକା ଭାବେ ଗଳ୍ପ ରଚନ୍ତି
"କେତୋଟି କଥା" ଅବା "ସପ୍ତଦର୍ଶୀ"ଭଳି
ସୁପ୍ରସିଦ୍ଧ ଗଳ୍ପ ଗ୍ରନ୍ଥ

ସଫଳ ଅନୁବାଦିକା ଭାବେ ସ୍ରଷ୍ଟା ସେ
କ୍ରିଷ୍ଣା କୃପାଳିନୀଙ୍କର "ଗାନ୍ଧି କଥାମୃତ"
ଅବା ଅମୃତାପ୍ରିତମ୍ ଙ୍କ "ରସିଦ୍ ଟିକେଟ୍"
ମହାଶ୍ୱେତା ଦେବୀଙ୍କ "ନିର୍ବାସଚିତ ଗଳ୍ପ" ସହ
ତସଲିମା ନାସାରିନ୍‌ଙ୍କ "ଲଜ୍ଜା"ର ଓଡ଼ିଆ ଅନୁବାଦ
ଓଡ଼ିଆ ସାହିତ୍ୟକୁ ଅମୂଲ୍ୟଗ୍ରନ୍ଥ

ନନ୍ଦିନ ଦେବୀଙ୍କ ସାହିତ୍ୟ କୃତୀପାଇଁ
କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କୃତା ସେହି
ଆଶିଷ ରଂଜନ ମହାପାତ୍ର ବନିଲେ
ଜୀବନୀ ଲେଖକ ନନ୍ଦିନୀ ଶତପଥୀଙ୍କର
ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ
ଗବେଷକ ସୁବାସ ନାୟକ
ନନ୍ଦିନୀ ଶତପଥୀଙ୍କ ସାରସ୍ୱତ କୃତିକୁ
ନେଇ ପିଏଚ.ଡ଼ି ଉପାଧିପ୍ରାପ୍ତ

# ପି.କେ. ମିଶ୍ର

ପ୍ରମୋଦ କୁମାର ମିଶ୍ର
ସେ ସମସ୍ତଙ୍କର ଅଟନ୍ତି ପି.କେ.ମିଶ୍ର
ଓଡ଼ିଶା ଗର୍ବିତ ଓଡ଼ିଆ ଗର୍ବିତ
ସମ୍ବଲପୁରର ପୁଅ ପାଇଁ

ଭାରତ ବିଖ୍ୟାତ ଶିକ୍ଷାନୁଷ୍ଠାନ
ଦିଲ୍ଲୀ ସ୍କୁଲ ଅଫ ଇକୋନୋମିକ୍ସ ରୁ
ଗବେଷଣା କରି ପିଏଚ.ଡ଼ି ଲଭି
ବନିଲେ ଡକ୍ଟର ପି.କେ.ମିଶ୍ର

କର୍ମବୀର ସିଏ ଲଭନ୍ତି ପ୍ରଶାସକ
ଭାରତୀୟ ପ୍ରଶାସନିକ ସେବା ଅଧିକାରୀ
ଗୁଜୁରାଟ ପ୍ରଦେଶ କ୍ୟାଡ଼ର ପାଇ
ଜନସେବାରେ ନିଜର ଜୀବନ ଉତ୍ସର୍ଗ କରିଥାନ୍ତି

ପ୍ରଶାସକ ଭାବେ କାର୍ଯ୍ୟ କରନ୍ତି
ଗୁଜୁରାଟ ଅବା ଭାରତ ସରକାରରେ
ଗୁଜୁରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ
ପ୍ରମୁଖ ସଚିବ ଅବା
ବର୍ତ୍ତମାନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ
ପ୍ରଧାନ ସଚିବ ଭାରତ ସରକାରରେ

ଦକ୍ଷ ପ୍ରଶାସକ ପି.କେ.ମିଶ୍ର
ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଇଁ
ଲଭନ୍ତି ବିଶ୍ୱର (ଜାତିସଂଘର) ଶ୍ରେଷ୍ଠ ସମ୍ମାନ
ସସକୱା ଆୱାର୍ଡ଼
ଗର୍ବିତ ଭାରତ ବର୍ଷେ ଓଡ଼ିଆ ପୁଅ ପାଇଁ

ପ୍ରଶାସକ ମଧ୍ୟେ କଲମ ମୁନରେ
ସାରସ୍ୱତ ସାଧକ ସାଜନ୍ତି ପିକେମିଶ୍ର
ଅନେକ ଇଂଜିନିୟରିଂ ଶିକ୍ଷା ସମ୍ବନ୍ଧୀୟ
ପୁସ୍ତକ ତାଙ୍କର ପ୍ରତିଷ୍ଠା ଲଭଇ
ଭାରତୀୟ ଶିକ୍ଷା ଓ ସାହିତ୍ୟ ଜଗତରେ

କର୍ମବୀର ସିଏ ସାଧୁ ସଚ୍ଚୋଟତାରେ
କରିଛନ୍ତି ଶପଥ ପଣ
ଭାରତ ବର୍ଷକୁ ନୂତନ ଭାରତେ
ବିଶ୍ୱଦରବାରେ ଦେବେ ସ୍ଥାନ
ଧନ୍ୟ ଆମ ମାଟି ଧନ୍ୟ ଆମ ଜାତି
ଓଡ଼ିଆ ପ୍ରାଣର କର୍ତା ସିଏ
ସେକିଏ ଦକ୍ଷ ପ୍ରଶାସକ ପି.କେ.ମିଶ୍ର ସିଏ
ଓଡ଼ିଆ ଜାତିର ପୂଜ୍ୟ ସିଏ

# ବିଶ୍ୱ କବି ସମ୍ମିଳନୀ

ବିଶ୍ୱକଳା ସଂସ୍କୃତି ପରିଷଦ
ତୁମେ ଏକ ଆର୍ନ୍ତଜାତୀୟ
ସୃଜନଶୀଳ ପ୍ରତିଭାର ଅନୁଷ୍ଠାନ
ସମଗ୍ର ବିଶ୍ୱମଣ୍ଡଳରେ

ଅଣଚାଳିଶ ତମ ବିଶ୍ୱକବି ସମ୍ମିଳନୀ
ଭାରତ ବର୍ଷେ ଓଡ଼ିଶା ପ୍ରଦେଶ
ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟେ
ଦୁଇ-ଛଅ ଅକ୍ଟୋବର ଦୁଇହଜାର ଊଣେଇଶ ମଧ୍ୟରେ

ସମଗ୍ର ବିଶ୍ୱର ସତଷଠି ରାଷ୍ଟ୍ରର
ବିଦ୍ୱାନ କବିଙ୍କର ମହାସମାବେଶ
ଧନ୍ୟ ଆମ ସଭାପତି ଡ଼କ୍ଟର ମାୟୁସ୍ ୟଙ୍ଗ୍
ପୁଣି ଧନ୍ୟ ଅଟନ୍ତି ଆୟୋଜକ
ଅଣଚାଳିଶ ତମ ବିଶ୍ୱକବି ସମ୍ମିଳନୀର ସଭାପତି
ଓଡ଼ିଆ ପୁଅ ପ୍ରଫେସର ଅଚ୍ୟୁତ ସାମନ୍ତ

ବିଶ୍ୱ କବି ମହାକୁମ୍ଭ ମହାମେଳାରେ
ମୁଁ ଜଣେ ଛୋଟ କବିଟିଏ ଯୋଗଦିଏ
ଓଡ଼ିଆ ପୁଅ ଭାବେ ମୁଁ ଧନ୍ୟ ହୁଏ
ଅନ୍ତରାଷ୍ଟ୍ରୀୟ ସମ୍ମିଳନୀରେ ମୁଁ ଭାଗ ନିଏ

ପାଞ୍ଚଦିନ ମହାକୁମ୍ଭମେଳା
କବି କବୟିତ୍ରୀ ଗଣେ ମେଳା
କି ଅବା ଭାରତୀୟ ଅବା ବିଶ୍ୱର କବିଗଣ
ସଭିଏଁ ଲଭନ୍ତି ଏକ ପ୍ରାଣ

ସମ୍ମିଳନୀରେ ଏକ ଦିନେ
ସପ୍ତଆଶ୍ଚର୍ଯ୍ୟ କୋଣାର୍କବନେ
ଅବା ଦିନେ ଜଗତର ନାଥ ଜଗନ୍ନାଥ ଧାମ
ପୁରୀରେ ଆନ୍ତର୍ଜାତୀୟ ସୋପାନେ

ଭ୍ରମଣ ସାଙ୍ଗକୁ ବିଭିନ୍ନ କବି ସୋପାନରେ
ମନପ୍ରାଣ ଢାଳି ସୃଜନୀରେ
ମୁଗ୍ଧ ଲଭନ୍ତି କବିଗଣ
ଓଡ଼ିଆ ମାଟି ଓ ପାଣି ପବନରେ
ଭାବଗ୍ରାସି ବିଶ୍ୱ ବନ୍ଧନରେ ମନଦେଇ

ବିଦାୟ ବେଳର ଭାବଗତ
ରାଷ୍ଟ୍ରେ ରାଷ୍ଟ୍ରେ ଜନ୍ମେ ମଧୁରତା
ପନ୍ଦର ଶହ ପ୍ରାୟ କବିପ୍ରାଣ
ସମ୍ମାନ ଲଭନ୍ତି ଓଡ଼ିଆ ପ୍ରାଣ
ଅଭୁଲା ସେ ଥିବ ସ୍ମୃତି ହୋଇ
କାଳକାଳକୁ ସେ ଥାଉ
ବିଶ୍ୱକବି ସମ୍ମିଳନୀ ଅମର ହୋଇ

# ଅଚ୍ୟୁତ ସାମନ୍ତ

ଅଚ୍ୟୁତାନନ୍ଦ ସାମନ୍ତ
ନାମ ଏକ ଓଡ଼ିଆ ପୁଅର
ଦେଶ ବିଦେଶରେ
ଅଚ୍ୟୁତ ସାମନ୍ତ ନାମେ ପରିଚିତ

ଧନ୍ୟ ସେହି ବାପା ମା'
ଅନାଦି ଚରଣ ସାମନ୍ତ -ନିଳିମାରାଣୀ ଦେବୀ
କୋଳ ମଣ୍ଡନ କରେ କୋଡ଼ିଏ ଜାନୁଆରୀ
ଉଣେଇଶ ଶହ ପଞ୍ଚଷଠିରେ
ଏକ ଗରିବ ପରିବାରରେ

ବାପା ମା'ଙ୍କ ଆଶିଷରେ
ଉତ୍କଳ ବିଶ୍ୱବିଦ୍ୟାଳୟରୁ
ରସାୟନ ବିଜ୍ଞାନରେ (ସ୍ନାତକୋତ୍ତର) ଶିକ୍ଷା ପରେ
ଅଧ୍ୟାପକ ଭାବେ କର୍ମବୀରେ

ତେଲ ଲୁଣର ସଂସାର
ପିଲାଦିନେ ପିତୃହରା ହୋଇ
ଅନାଥର ଚିର କାଳ ରହି
ମାର ମମତାରେ ଆଜି
ବିଶ୍ୱରେ ଜଣେ ପ୍ରତିଷ୍ଠିତ ଓଡ଼ିଆ ପୁଅ ସାଜି

କିଟ୍ ଆଇ.ଟି.ଆଇ ଶିକ୍ଷାନୁଷ୍ଠାନ
ଆରମ୍ଭ କରିଲେ ଭୁବନେଶ୍ୱରରେ
ତା ପରେ କିଟ୍ ବିଶ୍ୱବିଦ୍ୟାଳୟ
ଭାରତୀୟ ଉଚ୍ଚଶିକ୍ଷାର ଅନୁଷ୍ଠାନ

ଗରିବ ହୃଦୟକୁ ଭଲପାଇ
ଆଦିବାସ ପିଲାଙ୍କୁ
ମାଗଣା ରହିବା, ଖାଇବା, ଶିକ୍ଷାଦେଇ
କିସ୍ ବିଶ୍ୱବିଦ୍ୟାଳୟେ
ବିଶ୍ୱର ଏକ କିମ୍ବଦନ୍ତୀ ପାଠାଳୟେ

ସ୍ୱାସ୍ଥ୍ୟସେବା ପାଇଁ ମନ ଅଚ୍ୟୁତାବାବୁଙ୍କ ହୃଦେସ୍ଥାନ
କିମ୍ସ ମେଡ଼ିକାଲ ଓଡ଼ିଆବାସୀଙ୍କୁ
ଦେଲ ତୁମେ ଉପହାର ଉପହାର

ଅନେକ ଆର୍ନ୍ତଜାତୀୟ ଓ ଜାତୀୟ
ସଙ୍ଗଠନ କିଟ୍ ବିଶ୍ୱବିଦ୍ୟାଳୟର
ବୃଦ୍ଧିକରେ ଗାରିମା ମାନ
ପଚାଶ ଉଚ୍ଚ ଶିକ୍ଷାନୁଷ୍ଠାନ ସମ୍ମାନଜନକ
ଡକ୍ଟରେଟ ସହ
ଅନେକ ରାଷ୍ଟ୍ରରୁ ସର୍ବୋଚ୍ଚ ସମ୍ମାନ ପ୍ରାପ୍ତ

ଗର୍ବ ଲାଗେ ଓଡ଼ିଆ ପୁଅ
ଅଚ୍ୟୁତ ସାମନ୍ତ ବନିଲେ
ସାଂସଦ (ରାଜ୍ୟ ସଭା ବା ଲୋକସଭା )
ଓଡ଼ିଶା ମାଟିର ବିକାଶ ପୁରୁଷ
ଚିରକୁମାର ଅଚ୍ୟୁତ ସାମନ୍ତ
କାଳ କାଳକୁ  ତୁମେ ଅମର ରୁହ

# ମୋ ବାପା

ପିତରି ପ୍ରିୟତେ ପନ୍ଥା
ପିତା ସର୍ବଦେବତାଃ
ଭାରତୀୟ ସଂସ୍କୃତିର ଏ ଗାଥା
କାଳ କାଳକୁ ଏ ଅମର କଥା

ମୋ ବାପା ଆକାଶଠୁ ବଡ଼
ଅଟନ୍ତି ପୁଣିସେ ସମୁଦ୍ରଠୁ ବଡ଼
ବଡ଼ ଅଟେ ତାଙ୍କ ହୃଦୟର କଥା
ଅବା ସ୍ନେହପୂର୍ଣ୍ଣ କଥା

ଭୁବନ ସହରରେ
କୋଳମଣ୍ଡନ କଲେ
ବାପା ବାବାଜୀ ନାୟକ
ମା ଭୁତିଦେବୀଙ୍କ ସନ୍ତାନ ଭାବରେ
ତେଇସି ଜୁଲାଇ ଊଣେଇଶ
ଛୟାଳିଶ ସାଲରେ
ପରାଧୀନ ଭାରତରେ ଜନମି ସେହି
ରାମଚନ୍ଦ୍ର ନାମେ ନାମିତ ହୋଇ

ପାଞ୍ଚ ବରଷରେ ପିତୃହରା ହୋଇ
ମା'ର ସାନ୍ନିଧ୍ୟଲଭେ
ଭାଇ ଭଉଣୀଙ୍କ ସାଥିରେ ନେଇ
ପରିବାର ର କଥା ବୁଝିଲେ ସିଏ
ପ୍ରାକ୍ ପ୍ରାଥମିକ ଶିକ୍ଷାରେ ଡ଼ୋରି ଲଗାଇ
କର୍ମ ସନ୍ଧାନରେ ଧାଇଁଲେ ସେହି
କାରିଗରୀ(କାଠକାମକୁ) ଜୀବିକା ନେଇ
କାଠ ଶିଳ୍ପୀ ଭାବେ ନାମ କମାଇ

ଭୁବନ ସହର ରେ ଅରାସାହି ନିବାସୀ
ଲକ୍ଷ୍ମୀଧର ଦାସ ଓ ଶୋଲାଦେବୀଙ୍କ କନ୍ୟା
ଭାରତୀ ଦାସଙ୍କୁ ବିବାହ କରି
କନ୍ୟା ଜୟନ୍ତୀ, ପୁତ୍ର ସୁବାସ, ପ୍ରକାଶ, ମାନସ
କୁ ସମାଜରେ ଶିକ୍ଷା ସହ ପ୍ରତିଷ୍ଠା କରି
ଜ୍ୱାଇଁ, ବୋହୁ, ନାତି ନାତୁଣୀ ଗହଣେ
ଜୀବନକୁ ଉତ୍ସର୍ଗ କରି ସେ ଚାଲନ୍ତି

କାଠ ଶିଳ୍ପୀ ଭାବରେ ପ୍ରତିଷ୍ଠାଲଭି
ଶ୍ରୀରାମ ଫର୍ଣ୍ଣିଚରର ପ୍ରୋପାଇଟର ସାଜି
ଘରେ ଘରେ ସେ ବିବାହ ବେଦୀରେ
ଖଟ ପଲଙ୍କରେ ସୁନାମ ଅର୍ଜି
ପଞ୍ଚାବନ ବର୍ଷ ଧରି କର୍ମ ନିପୁଣ ରଖେ ତୁହି
ମୁଖ୍ୟମନ୍ତ୍ରୀଙ୍କଠୁ ଶ୍ରେଷ୍ଠ ଶିଳ୍ପୀର ସମ୍ମାନ ପାଇ

ମାନବ ସେବାରେ ସକ୍ରିୟ ହୋଇ
ରାଜନୀତିରେ ମନୋନିବେଶ କରି
ବିଜେପିର ପ୍ରମୁଖ ନେତା ବନି
ଢେଙ୍କାନାଳ ସଂସଦ ନୋମିନି
ଭାବେ କାର୍ଯ୍ୟକରି
ଅଞ୍ଚଳବାସୀଙ୍କ ସୁଖଦୁଃଖରେ ସାଥିହୋଇ

ଚାଳିଶି ବର୍ଷର ରାଜନୀତି ଜୀବନ ସହ
ସମାଜର ବିଭିନ୍ନ ସାମାଜିକ ଅନୁଷ୍ଠାନରେ
ସକ୍ରିୟ ଭୂମିକା ନେଇ
ଭୁବନ ସହରରେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱର
ମାନ୍ୟତା ପାଇ
ଧନ୍ୟ କରଇ ଜୀବନ ସେଇ
ମାନବ ସେବାରେ ନିଜକୁ ଅର୍ପିତ ଦେଇ
ମୁଁ ଗର୍ବିତ ମୋ ବାପା ପାଇଁ ,ମୋ ବାପା ପାଇଁ

# ମୋ ମା'

ମା' ମା' ବୋଲି ଡ଼ାକେ ମୋର
ମୋ ମା ଅଟଇ ସର୍ବକାର
ଭୁବନ ସହର ଅରାସାହିରେ
ଜନ୍ମ ତା'ର ଏକ ଶୁଭଦିନେ
ଛବିଶି ଜାନୁଆରୀ ଊଣେଇଶ ପଚାଶ
ଭାରତୀୟ (ସମ୍ବିଧାନ) ଗଣରାଜ୍ୟ ଦିବସରେ

ଲକ୍ଷ୍ମୀଧର ଦାସ ଶୋଲାଦେବୀଙ୍କ
କୋଳ ମଣ୍ଡନରେ
ଭାଇ ଭଉଣୀଙ୍କ ଲିଳାଖେଳେ
ଭାରତୀ ନାମରେ ନାମ ଧରି
ଜୀବନକୁ ସାର୍ଥକତା କରି

ଭୁବନ ସହରର ବଡ଼ହାଟସ୍ଥ
ବାବାଜୀ ନାୟକ, ଭୁତିଦେବୀଙ୍କ
ସୁପୁତ୍ର କାଠଶିଳ୍ପୀ ରାମଚନ୍ଦ୍ର ନାୟକଙ୍କ
ସହଧର୍ମିଣୀ ଭାବେ କାର୍ଯ୍ୟରତା
ଗୌରବରେ କହେ ସେ ଗାଥା

ତେଲ ଲୁଣର ସଂସାର
ଚାରି ସନ୍ତାନର ଜନନୀରେ
ସୁଖପ୍ରାପ୍ତ ହୋଇ ଆଦରର ବୋହୂ ହୋଇ
ନାୟକ ସମାଜର ନାମ କରେ
ସନ୍ତାନକୁ ଶିକ୍ଷା ଓ ସଂସ୍କାର ଦେଇ
ମଣିଷ ପରି ତୋଳିଥାଏ

ଏକ କନ୍ୟାରତ୍ନା ଜୟନ୍ତୀରେ
ଲେଖିକା ଜୀବନ ଆଦରିରେ
ଜ୍ୱାଇଁ ମହେନ୍ଦ୍ର ଲେଙ୍କା
ସୁନ୍ଦର କେନ୍ଦ୍ରାପଡ଼ା ଓଳକଣ ନିବାସୀ
ନାତୁଣୀ ଦୁଇ ରାଜେଶ୍ୱରୀ-ବ୍ରଜେଶ୍ୱରୀ ନାମରେ
ଆଇଙ୍କର ସ୍ନେହ ପରଶରେ

ବଡ଼ ପୁଅ ଅଧ୍ୟାପକ ସୁବାସ
ପତ୍ନୀ ତୁଳସୀ ସହିତ ବାସ
ନାତୁଣୀ ତେଜସ୍ୱିନୀ
ସ୍ନେହ ଆଦରରେ ନେଲାକିଣି

ମଧ୍ୟମ ପୁଅ ଓକିଲ ପ୍ରକାଶ
ପତ୍ନୀ ଶିକ୍ଷୟିତ୍ରୀ ସୁପ୍ରଭା
ନାତି ଟୋକାଟାଏ ରାଜା ରାଜା ବୋଲି
ଜେଜେମା କୋଳରେ ସଦାହାସେ

ସାନ ପୁଅ ଶିକ୍ଷକ ମାନସ
ପତ୍ନୀ ଶିବାନୀ ସାଥିଥାଏ
ନାତି ଟୋକାଟାଏ ଆଦି ଆଦି ବୋଲି
ଜେଜେମା ସାଥେ ଖେଳୁଥାଏ

ସୁଖର ସଂସାର ଘର ଅଟଇ ତାହାର
ପତିଦେବ ସହ ସନ୍ତାନ ସନ୍ତତି
ଅବା ନାତି ନାତୁଣୀ ଗହଣେ
ଜୀବନ କଟିଥାଏ
ସେ ଅଟେ ଆଉ କିଏ
ମୋ ମା' ସିଏ,ମୋ ମା' ସିଏ

# ମୋ ଗୁରୁଦେବ

ମୋ ଗୁରୁଦେବ ଘେନ ମୋର ପ୍ରଣାମ
ତୁମର ଶିକ୍ଷକତ୍ୱରେ
ମୁଁ ସମାଜରେ ଆଜି ପରିଗଣିତ
ଜଣେ ଅଧ୍ୟାପକ ଭାବରେ

ମୋର ଆଦ୍ୟ ଶିକ୍ଷା ଭୁବନ ସହରର
ପ୍ରତିଷ୍ଠିତ ବଡ଼ହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଅବା ଭୁବନର ଉଚ୍ଚ ବିଦ୍ୟାଳୟ
ପ୍ରାଥମିକ ଅବା ମାଧ୍ୟମିକ ଶିକ୍ଷାର
ଶିକ୍ଷକମାନଙ୍କୁ ମୋର ଭୂମିଷ୍ଠ ପ୍ରଣାମ

ମୋର ସ୍ନାତକ ଶିକ୍ଷା ଆମ ସହରର
ବାଜିରାଉତ ମେମୋରିଆଲ କଲେଜରେ
ଅଧ୍ୟାପିକା ଅଧ୍ୟାପକମାନଙ୍କର
ସେହି ପ୍ରିୟ ଛାତ୍ରଭାବରେ

ଉଚ୍ଚ ଶିକ୍ଷା ପାଇଁ ମନବଳାଇଲି
କରିଲି ସ୍ନାତକୋତ୍ତର
ଆମ ମାତୃଭାଷା ଓଡ଼ିଆ ଭାଷା ସାହିତ୍ୟରେ
ଦୂରଶିକ୍ଷା ମାଧ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟରେ

ପୁଣି ମନ ମାନିଲା ଉଚ୍ଚ ଶିକ୍ଷା ନେବାରେ
ପିଏଚ.ଡ଼ି (ଗବେଷଣା) କରିଲି
ନନ୍ଦିନୀ ଶତପଥୀଙ୍କ ସାହିତ୍ୟ ସୃଷ୍ଟିରେ
ପ୍ରଫେସର ଆଦିକନ୍ଦ ସାହୁଙ୍କ ଅଧୀନରେ
ସମ୍ବଲପୁର ବିଶ୍ୱବିଦ୍ୟାଳୟରେ

ଆଜି ମୋର ସମସ୍ତ ଗୁରୁଦେବମାନଙ୍କ
ଶୁଭ ଆଶିଷରେ ଜୀବନରେ ପାଦଦେଲି
ଅଧ୍ୟାପକ, ଗବେଷକ, ସାହିତ୍ୟିକ ଭାବରେ
ଶିକ୍ଷାର୍ଥୀଙ୍କ ଗହଣରେ

ଅନେକ କଲେଜରେ ଅଧ୍ୟାପକତ୍ୱରେ
ଅବା ଶିକ୍ଷା ପ୍ରଶାସକ (ପ୍ରିନ୍ସପାଲ) ପଦବୀରେ
ଉଚ୍ଚ ଶିକ୍ଷା ପାଇଁ ମନ ବଳାଇଲି
ପୋଷ୍ଟ ଡକ୍ଟରାଲ (ଡ଼ି.ଲିଟ୍) କରିବାରେ

ସାହିତ୍ୟିକ ଭାବରେ ମୋର ସୃଷ୍ଟି ସମ୍ଭାର
ଓଡ଼ିଆ ଭାଷା ସାହିତ୍ୟରେ
ଅବା ଭାରତୀୟ ସାହିତ୍ୟରେ
ଘେନ ଗୁରୁଦେବ ମୋର ଭୂମିଷ୍ଠ ପ୍ରଣାମ
କାଳ କାଳ ରହିଥାଏ ତୁମ ଆଶିଷରେ

# ମୋ ପତ୍ନୀ

ପତିଙ୍କୁ ପତନ ମୁଖରୁ
ରକ୍ଷାକରିବାର ନାମ ପତ୍ନୀ
ଭାରତୀୟ ସଂସ୍କୃତିରେ
ନାରୀ ରୂପୀ ଅଟେ ନାରାୟଣୀ

ମୋ ପତ୍ନୀ ମୋର ଆଦରିଣୀ
ତୁଳସୀ ସାହୁ ନାମେ ପରିଚିତା
ସମସ୍ତଙ୍କ ଆଦରରେ ଟିକି ନାମେ
ସମସ୍ତଙ୍କର ସେ ସମ୍ମାନପ୍ରାପ୍ତା

ଐତିହାସିକ କଟକ ସହରରେ ଜନ୍ମନିଏ
ବାପା ସୁରେନ୍ଦ୍ର ସାହୁ
ମା ସୁଭଦ୍ରାଦେବୀ କୋଳମଣ୍ଡନରେ
ଭୁବନ ସହରରେ ବୋହୂ ହୁଏ

ସୁବାସ ନାୟକ ହାତଧରି
ଜୀବନ ସାଥିରେ ନାମ ତାରି
ଜୁନ୍ ସତର ଦୁଇହଜାର ପନ୍ଦର
ବିବାହ ବନ୍ଧନରେ ଆବଧିତ
ସର୍ବଗୁଣ ସମ୍ପନ୍ନା ବୋହୂ ସେତ

ବାପା ମା' ପାସେ ଅଲିଅଳ କନ୍ୟା
କଟକ ରେ ସ୍ନାତକ ଡ଼ିଗ୍ରୀଧାରୀ
ଅଧ୍ୟାପକ ପତ୍ନୀ ଭାବେ ସିଏ

ଉଚ୍ଚ ଶିକ୍ଷା ପରେ କରିନିଏ
ଉତ୍କଳ ବିଶ୍ୱ ବିଦ୍ୟାଳୟରୁ
ଇଂରାଜୀ ଭାଷା ସାହିତ୍ୟରେ
ସ୍ନାତକୋତ୍ତର ପାସ୍ କରି
ଶିକ୍ଷକତା ବୃତ୍ତି ମନେଧରି

ସ୍ୱାମୀ, କନ୍ୟା (ଲକି)
ଅବା ଶାଶୂ ଶ୍ୱଶୁର
ଦିଅର ନଣନ୍ଦ ଗହଣେ
ଶ୍ରୀରାମ ପରିବାରରେ ମର୍ଯ୍ୟାଦା ବଢ଼ାଏ

କୁଳବଧୂ ରୂପେ ସ୍ଥାନ ପାଇ
ସଭିଙ୍କ ମନକୁ ମୋହି ନେଇ
ତା ପରି ଅବା ଆଉକିଏ
ବନ୍ଧୁ ପରିଜନ ତୁଳସୀ ନାମରେ
ଆଦର ପାଏ
ସେ ଅବା ଆଉ କିଏ
ମୋ ପତ୍ନୀ ସିଏ ମୋ ପତ୍ନୀ ସିଏ

# ମୋ କନ୍ୟା

କନ୍ୟା ବୋଲି ଏକ ରତ୍ନ ମୋର
ନାମ ତାର ତେଜସ୍ୱିନୀ ନାୟକ
ସମସ୍ତଙ୍କ ପ୍ରିୟ ସେହି ଲକି ନାମେ
ଭୁବନ ସହରରେ ଶ୍ରୀରାମ ପରିବାର ଗହଣେ

ବାପା ସୁବାସ, ମା' ତୁଳସୀଙ୍କ
କୋଳମଣ୍ଡନ କରି
ଧରାପୃଷ୍ଠରେ ଅବତରଣ କଲା
ମାର୍ଗଶୀର ମାସ ଶେଷ ଗୁରୁବାର
ଶୁଭ ସକାଳ ପନ୍ଦର ଡିସେମ୍ବର
ଦୁଇହଜାର ସତର ମସିହାରେ

ଜେଜେ ବାପା, ଜେଜେ ମା'
ଅବା ଦାଦା, ଖୁଡ଼ୀ
ଅତୁବା ପିଉସୀ, ପିଉସା ଙ୍କ
ସମସ୍ତଙ୍କ ସ୍ନେହ ଆଦରରେ

ପୁଣି ସ୍ନେହ ପାଇଲା ସୁଦୂର କଟକ ସହରରୁ
ଅଜା, ଆଇଙ୍କ ଗହଣେ
ମଉସା, ମାଉସୀ ଅବା ମାମୁଁ, ମାଇଁ
ସମସ୍ତେ ଡାକନ୍ତି ଲକି ଲକି ବୋଲି
ଆଶିଷ ସ୍ନେହ ଶ୍ରଦ୍ଧା ଦେଇ

ମୋ କନ୍ୟା ଠୁକୁ ଠୁକୁ ଚାଲି
ଅବା ସେ କୋମଳ କଥାବୋଲି
ଦୁଷ୍ଟାମି ବେଳେ ବାବା, ମାମାଙ୍କ
ମୁଣ୍ଡ ହୋଇଥାଏ ବ୍ୟଥା ଖାଲି

ମୋ କନ୍ୟା ପସନ୍ଦ ରଖେ
ସବୁ ଖାଦ୍ୟରେ
ଅବା ପୁଣି ରଙ୍ଗ ବେରଙ୍ଗର
ପୋଷାକ ପରିଚ୍ଛଦରେ

ଅଲିଅଳ କରେ ସଦାସର୍ବଦା
ମାମା ମାମା ବୋଲି ମା'କୁ ଡାକେ
ତତ ସହିତ ବାବା ବାବା,
ବୋଲି ବାପାଙ୍କୁ ଡାକେ ସେ
ପରିବାର ଗହଣେ ସୁଖରେ ଥାଏ

ବାବା ମାମାଙ୍କର ନୟନ ପିତୁଳା
ଏକୋଇର ବାଳା ବିଶିକେଶନ
ସଭ୍ୟତା, ସଂସ୍କାର ମଧ୍ୟରେ
ବିତେ ତା ଜୀବନ
ଧନ୍ୟ ସିଏ ଅଟେ ମୋ କନ୍ୟାରତନ





ବୃତ୍ତିରେ ପ୍ରାଧ୍ୟାପକ ଡକ୍ଟର ସୁବାସ ନାୟକ ସୃଜନର ନାନାବିଧ ବିଭାଗରେ ନିଜର ସଫଳ ସ୍ୱାକ୍ଷର ରଖିଛନ୍ତି । ଜଣେ ଆଶୁ କବି ଓ ଅନୁବାଦକ ଭାବେ ଜଣାଶୁଣା କବି ଡକ୍ଟର ନାୟକ ସାଂପ୍ରତିକ ପ୍ରସଙ୍ଗ, ସାମାଜିକ ଘଟଣାବଳି, ବ୍ୟକ୍ତିତ୍ୱ ଓ ଅନୁଭବକୁ କବିତାର ରୂପ ଦିଅନ୍ତି । ଯେ କୌଣସି କଥାବସ୍ତୁକୁ କବିତାର କାନ୍‌ଭାସରେ ଉତାରିବାରେ ସାହସିକ କଳାରେ ସେ ନିପୁଣ । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କବିତାକୁ ଓଡ଼ିଆରେ ଅନୁବାଦ କରିଥିବା ଡ. ନାୟକଙ୍କର 'ପ୍ରିୟା' ହେଉଛି ତୃତୀୟ କବିତା ଗୁଚ୍ଛ । ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଭୁବନ ସହରରେ ଏକ ଶିଳ୍ପୀ ପରିବାରରେ ଜନ୍ମିତ ଡକ୍ଟର ନାୟକ ସଂପ୍ରତି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଅନୁବନ୍ଧିତ ଭୁବନର ବାଜି ରାଉତ ମେମୋରିଆଲ କଲେଜରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ରୂପେ କାର୍ଯ୍ୟରତ ।

PEN IN BOOKS
an imprint of
**odia media private limited**
www.peninbooks.com

Poetry $15 ₹ 199
ISBN 978-93-91388-69-0
9 789391 388690